Weekly Multilingual

# ଭଏସ୍ ଅଫ୍ ଭିକ୍ଟିମ୍ସ

Voice of Victims

Pages- 8 ODIMUL00867 Rs - 5.00

ଭାଗ:୧, ସଂଖ୍ୟା-୨୦, ଭୁବନେଶ୍ୱର, ୧ ରୁ ୭ ଏପ୍ରିଲ, ୨୦୨୪ Vol-1, Issue-20, Bhubaneswar, 1 to 7 April , 2024




## ୨୩ ପାକିସ୍ତାନୀଙ୍କୁ ଉଦ୍ଧାର କଲା ଭାରତୀୟ ନୌସେନା

**ନୂଆଦିଲ୍ଲୀ:** ୧୨ ଘଣ୍ଟାର ଲମ୍ବା ଅପରେସନ ପରେ ସୋମାଲିଆ ଲୁଟେରାଙ୍କଠୁ ୨୩ ପାକିସ୍ତାନୀ ନାଗରିକଙ୍କୁ ଉଦ୍ଧାର କରିଛି ଭାରତ। ଏହାସହ ଭାରତୀୟ ନୌସେନା ପାଖରେ ଆତ୍ମସର୍ମପଣ କରିଛନ୍ତି ଲୁଟେରା। ମାର୍ଚ୍ଚ ୨୮ ତାରିଖରେ ଆରବ ସାଗରରେ ଇରାନର ଫିସିଂ ଭେସଲରେ ୨୩ ପାକିସ୍ତାନୀ ନାଗରିକଙ୍କୁ ସୋମାଲିଆ ଲୁଟେରା ଅପହରଣ କରି ନେଇଥିଲେ। ମାର୍ଚ୍ଚ ୨୯ ତାରିଖରେ ଭାରତୀୟ ନୌସେନା ନିକଟକୁ ଏନେଇ ଖବର ଆସିଥିଲା। ପରେ ପାକିସ୍ତାନୀ ନାଗରିକଙ୍କୁ ଉଦ୍ଧାର କରିବା ପାଇଁ ବାହାରିଥିଲା ଭାରତୀୟ ନୌସେନା। ୧୨ ଘଣ୍ଟାର ଲମ୍ବା ଅପରେସନ ପରେ ଆଇଏନଏସ ତ୍ରିଶୂଳ ସାହାଯ୍ୟରେ ଜାହାଜରେ ଥିବା ଲୁଟେରାଙ୍କ ଆତ୍ମସମର୍ପଣ କରିବାକୁ ବାଧ କରିଥିଲା ଭାରତୀୟ ନୌସେନା। ପରେ ଜାହାଜରୁ ୨୩ ଜଣ ପାକିସ୍ତାନୀ କ୍ରୁ ମେମ୍ବରଙ୍କୁ ଉଦ୍ଧାର କରାଯାଇଥିଲା। ପରେ ପୂରା ଅଞ୍ଚଳକୁ ଲୁଟେରା ମୁକ୍ତ କରିବା ପାଇଁ ଉଦ୍ୟମ ଆରମ୍ଭ କରିଚି ଭାରତୀୟ ନୌସେନା।



ସେହିପରି ଆରବ ସାଗରରେ ଇରାନର ଫିସିଂ ଜାହାଜ ଅଲ-କମାରରେ କିଛି ସଶସ୍ତ୍ର ସନ୍ଦିଗ୍ଧ ଅପହରଣ କରିବା ପରେ ଭାରତୀୟ ନୌସେନା ସେମାନଙ୍କ ଯୋଜନା ଫେଲ କରିବାକୁ ସକ୍ରିୟ ହୋଇଥିଲା।

### ନ୍ୟାୟପାଳିକା ଉପରେ କିଏ ପକାଉଛି ଚାପ

## ଓକିଲଙ୍କ ଚିଠି ପରେ ମୋଦି-ଜୟରାମ ମୁହାଁମୁହିଁ

**ନୂଆଦିଲ୍ଲୀ:** ଦେଶର ପ୍ରାୟ ୬୦୦ ବରିଷ୍ଠ ଓକିଲ ପ୍ରଧାନ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ଼ଙ୍କୁ ଚିଠି ଲେଖିଛନ୍ତି। କିଛି ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତି ନ୍ୟାୟପାଳିକା ଉପରେ ଚାପ ପକାଇଛନ୍ତି, ସେମାନେ ନ୍ୟାୟିକ ପ୍ରକ୍ରିୟାକୁ ପ୍ରଭାବିତ କରିବାକୁ ଚାହୁଁଛନ୍ତି ଓ ଦେଶର କୋର୍ଟଙ୍କୁ ବଦନାମ କରିବାକୁ ଚାହୁଁଛନ୍ତି।

ବିଶେଷ କରି ଅତିରଞ୍ଜିତ ଯୁକ୍ତି ଓ ରାଜନୀତିକ ଏଜେଣ୍ଡାକୁ କାର୍ଯ୍ୟକାରୀ କରି ସେମାନେ ଏପରି କରୁଛନ୍ତି। ବିଶେଷ କରି ଦୁର୍ନୀତି ଅଭିଯୋଗରେ ମାମଲାରେ ଫସୁଥିବା ରାଜନେତାଙ୍କ କ୍ଷେତ୍ରରେ ନ୍ୟାୟପାଳିକାଙ୍କୁ ପ୍ରଭାବିତ କରିବା ପାଇଁ ପ୍ରଭାବିତ କରୁଛନ୍ତି।

୬୦୦ ଓକିଲଙ୍କ ଏପରି ଚିଠି ପରେ କଂଗ୍ରେସକୁ ସିଧାସଳଖ ଟାର୍ଗେଟ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।



ସେହିପରି କଂଗ୍ରେସ ମଧ୍ୟ ଏହାର ଜବାବ ଦେଇଛି। ମୋଦି ନିଜ ଏକ୍ସ ଆକାଉଣ୍ଟରେ କହିଛନ୍ତି, ଅନ୍ୟକୁ ଧମକାଇବା ଓ ଡରାଇବା କଂଗ୍ରେସର ସଂସ୍କୃତି। ୫ ଦଶନ୍ଧି ତେଳେ ସେମାନେ ନିଜେ ପ୍ରତିବଦ୍ଧ ନ୍ୟାୟପାଳିକା ପାଇଁ ଆହ୍ୱାନ ଦେଇଥିଲେ। ସେମାନେ ଅତ୍ୟନ୍ତ ଲଜ୍ଜାଜନ ଭାବେ ନିଜର ସ୍ୱାର୍ଥପର ଫାଇଦା ପାଇଁ ଅନ୍ୟମାନଙ୍କ ପ୍ରତିବଦ୍ଧ ଚାହୁଁଥିଲେ।

କିନ୍ତୁ କଂଗ୍ରେସ ପାର୍ଟି ଦେଶ ପ୍ରତି କିଛି ବି ପ୍ରତିବଦ୍ଧତା ପାଳନ କରିନାହିଁ। ଏବେ ଏଥିରେ କୌଣସି ଆଶ୍ଚର୍ଯ୍ୟ ନାହିଁ। ୧୪୦ କୋଟି ଭାରତୀୟ ସେମାନଙ୍କୁ ଅଗ୍ରାହ୍ୟ କରିଛନ୍ତି ବୋଲି ମୋଦି କହିଛନ୍ତି।

ପ୍ରଧାନମନ୍ତ୍ରୀଙ୍କ ଏପରି ବୟାନକୁ କଂଗ୍ରେସ ପକ୍ଷରୁ ଜୟରାମ ରମେଶ କାଉଣ୍ଟର କରିଛନ୍ତି। ନ୍ୟାୟପାଳିକାକୁ ସୁରକ୍ଷା ଦେବା ନାଁରେ ପ୍ରଧାନମନ୍ତ୍ରୀ ଏହା ଉପରେ ଆକ୍ରମଣ କରି ଚାଲିଛନ୍ତି। ଏହା ଦୋମୁହାଁ ନୀତିର ପରିଚୟ ବୋଲି ରମେଶ କହିଛନ୍ତି। ସୁପ୍ରିମକୋର୍ଟ ନିକଟରେ ଏକାଧିକ ରାୟ ଜରିଆରେ ତାଙ୍କୁ ଜବରଦସ୍ତ ଝଟକା ଦେଇଛନ୍ତି। ନିର୍ବାଚନୀ ବଣ୍ଡ ଏହାର ଉଦାହରଣ। ସୁପ୍ରିମକୋର୍ଟ ଏହାକୁ ଅସାମ୍ବିଧାନିକ କହିଛନ୍ତି। ସେମାନେ କମ୍ପାନୀ ଗୁଡ଼ିକୁ ଡରାଇ ଓ ଧମକାଇବ ବିଜେପିକୁ ଚାନ୍ଦା ଦେବାକୁ ବାଧ କରୁଥିଲେ ବୋଲି ଏବେ କୌଣସି ସନ୍ଦେହ ନାହିଁ ବୋଲି ରମେଶ ଅଭିଯୋଗ କରିଛନ୍ତି।






# ରକ୍ଷକ ସାଜୁଛି ଭକ୍ଷକ !

ଆମରାଜ୍ୟରେ ଯୁବଗୋଷ୍ଠୀ ଏବେ ଦିଗହୀନ ହୋଇ ଗତି କରୁଛନ୍ତି। ଅବଶ୍ୟ ଏଭଳି ସ୍ଥିତି ଅନେକ ରାଜ୍ୟରେ କିନ୍ତୁ ଆମକୁ ଆମ କଥା ଚିନ୍ତା କରିବାକୁ ପଡ଼ିବ। ଏବେ ସବୁ ଗଣମାଧ୍ୟମରେ ନିଶାଦ୍ରବ୍ୟ ସମ୍ବନ୍ଧୀୟ ଖବରର ଶିରୋନାମା ପାଲଟୁଛି। କେଉଁଠି ନିଶା ଧରପଗଡ଼ ତ କେଉଁଠି ନିଶା ପାଇଁ ଗଣ୍ଡଗୋଳ ଇତ୍ୟାଦି। ପ୍ରକୃତରେ ଯୁବପିଢ଼ୀ କରିବେ କ'ଣ ? ପାଠ ପଢ଼ିବା ପରେ ତା'ହାତକୁ କାମ ଦେବାର ଯୋଜନା ଅତି ନଗନ୍ୟ ! ପାଠ ପଢ଼ିବା ସମୟରେ ବହିକୁ ଛାଡ଼ି ଅନ୍ୟ କୌଣସି କ୍ରିୟାଶୀଳ କାର୍ଯ୍ୟକ୍ରମ ମଧ୍ୟ ତାଙ୍କ ପାଖରେ ନାହିଁ। ତେଣୁ ଯୁବପିଢ଼ୀର ପିଲାମାନେ ପଢ଼ିବା ସମୟରେ ତାଙ୍କ ବଳକା ସମୟକୁ ସୁବିନିଯୋଗର ବାଟ ନପାଇ ଭିନ୍ନରାସ୍ତାର ଆଶ୍ରୟ ନେବାକୁ ଏକ ପ୍ରକାର ବାଧ୍ୟ ହେଉଛନ୍ତି। ଯଦି ପାଠ୍ୟକ୍ରମ ସହିତ ଖେଳକୁଦ, ଅତ୍ୟାବଶ୍ୟକ ଜ୍ଞାନ କୌଶଳର ଶିକ୍ଷା, ମନୋରଞ୍ଜନଧର୍ମୀ ବିଦ୍ୟା ତଥା ଅନ୍ୟାନ୍ୟ ଆବଶ୍ୟକୀୟ ଶିକ୍ଷଣୀୟ ବିଷୟସବୁ ଥାନ୍ତା ତେବେ ତା'ପାଖରେ ନିଜର ବଳକା ସମୟକୁ ସୁବିନିଯୋଗର ରାସ୍ତା ମିଳନ୍ତା। ଏପର୍ଯ୍ୟନ୍ତ ସେଭଳି ପାଠ୍ୟକ୍ରମ ପ୍ରସ୍ତୁତି ହୋଇପାରି ନାହିଁ, ଯାହା ଯୁବବର୍ଗଙ୍କୁ କିଶୋର ଅବସ୍ଥାରୁ ବିପଥଗାମୀ କରିବାରେ ସହାୟକ ହେବ। ଆମ ରାଜ୍ୟରେ ସରକାରୀ ମଦ ବ୍ୟବସାୟର ବହୁଳ ପ୍ରଚାର ଓ ପ୍ରୋତ୍ସାହନ ଯୋଗୁଁ ଗାଁ ଗହଳିରେ ନିଶା କାରବାର ସରକାରୀ ଭାବେ ଉପଲବ୍ଧ ହେବାର ପରିଲକ୍ଷିତ ହେଉଛି। ପାଠପଢ଼ା ସାରିବା ପରେ ସୁନିଶ୍ଚିତ ଭବିଷ୍ୟତ ନାହିଁ କିମ୍ବା ସୁନ୍ଦର ଭବିଷ୍ୟତର ସ୍ୱପ୍ନ ବି ଦେଖାଯାଉ ନାହିଁ; ଯାହାକି ଯୁବପିଢ଼ୀଙ୍କୁ ନିରାଶା ଭିତରକୁ ଠେଲି ଦେଉଛି। ଯାହାଫଳରେ ନିଶା ବେପାରୀଙ୍କର ଜାଲରେ ଅତି ସହଜ ଭାବରେ ଶିକାର ହେଉଛନ୍ତି ଯୁବପିଢ଼ୀ। ରାଜସ୍ୱ ଆଦାୟ କରିବା ପାଇଁ ସରକାର ଗାଁ ଗାଁରେ ମଦଦୋକାନ ମାନ ଖୋଲୁଛନ୍ତି। ଜଣେ କ୍ଷମତାପ୍ରାପ୍ତ ମଦଦୋକାନୀ ବିଭାଗୀୟ ସଲାସୁତୁରାରେ ପର୍ଯ୍ୟାପ୍ତ ପରିମାଣର ବ୍ୟବସାୟ କରି ଲାଭଅର୍ଜନ କରିବା ପାଇଁ ଅନେକ ଅସାଧୁ ବ୍ୟବସାୟୀ ତିଆରି କରୁଛନ୍ତି; ଯାହାର ଫଳସ୍ୱରୁପ ପ୍ରତି ଗାଁ ଗଣ୍ଡାରେ ଛୋଟଛୋଟ ବ୍ୟବସାୟ ପ୍ରତିଷ୍ଠାନ ମଦ ବିକ୍ରି କରି ନିଜର ଆୟବୃଦ୍ଧି କରୁଛନ୍ତି ଓ ବିପଥଗାମୀ ଯୁବପିଢ଼ୀକୁ ମଦ ଖୋଜିବାକୁ ମଧ୍ୟ ଦୂରସ୍ଥାନକୁ ଯିବାକୁ ପଡୁନି। ଏହାର ସୁଯୋଗରେ ଅନ୍ୟାନ୍ୟ ନିଶା ବ୍ୟବସାୟୀ ମଧ୍ୟ ସେମାନଙ୍କର ମାରାତ୍ମକ ନିଶାକୁ ଗାଁ ଗହଳିରେ ଅନ୍ୟାୟାସରେ ପହଞ୍ଚାଇ ବ୍ୟବସାୟରେ ଲିପ୍ତ ରହୁଛନ୍ତି। ବେଳେବେଳେ ଆଖି ଦେଖାଣିଆ ଚଢ଼ାଉ କରାଯାଇ କିଛି ମଦ ଏବଂ ଅନ୍ୟାନ ନିଶାଦ୍ରବ୍ୟ ମଧ୍ୟ ଜବତ କରି ଖବରକାଗଜର ପୃଷ୍ଠା ମଣ୍ଡନ କରୁଛନ୍ତି ସରକାରୀ ବାବୁମାନେ।

ନିକଟରେ ବିହାରରେ ବିଶାକ୍ତ ମଦ୍ୟପାନ ଯୋଗୁଁ କେତେ ଘର ଉଜୁଡି ଯାଇଛି ଓ କେତେ ପିଲା ବାପଛେଉଣ୍ଡ ହୋଇଛନ୍ତି ତାହା ସମସ୍ତେ ଜାଣିଛନ୍ତି। କିନ୍ତୁ ସେଠାକାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର କହିଲେ- 'ଯିଏ ମଦ ପିଇବ ସିଏ ମରିବ'। ବିହାରରେ ସରକାରୀ ମଦଦୋକାନ ସଂପୂର୍ଣ୍ଣ ବନ୍ଦ ଥିବାବେଳେ ଚୋରା ମଦର ପ୍ରଭାବରେ ଏଭଳି ଘଟଣା ଘଟିଛି। ମୁଖ୍ୟମନ୍ତ୍ରୀ ମଦ ବନ୍ଦ କରୁଥିବାରୁ ଏପରି କଥା କହି ନିଜ ମୁଣ୍ଡରୁ ଦୋଷ ଓହ୍ଲାଇଦେବା ଯୁକ୍ତିଯୁକ୍ତ ଲାଗୁନାହିଁ। ନିର୍ବାଚିତ ସରକାର ଅଭିଜ୍ଞ ବ୍ୟକ୍ତିବିଶେଷଙ୍କୁ ନେଇ କମିଟି ଗଠନ କରି ମଦବ୍ୟବସାୟ ଯୋଗୁଁ କେତେ ଲାଭ ଓ କେତେ ସାମୁହିକ କ୍ଷତି ତା'ର ଆକଳନ କରିବାର ଆବଶ୍ୟକତା ଅଛି। ଯୁବବର୍ଗର ଆଖିରେ ଭବିଷ୍ୟତ କର୍ମ ସଂସ୍ଥାନର ଏକ ସ୍ୱପ୍ନ ତିଆରି ନକଲେ ନିଶାର କବଳରୁ ଏମାନଙ୍କୁ କେହି ବଞ୍ଚାଇ ପାରିବେ ନାହିଁ। ନିକଟରେ ଆମର କେନ୍ଦ୍ରମନ୍ତ୍ରୀଙ୍କର କୋହଭରା ଉକ୍ତିକୁ ମଧ୍ୟ ବିଚାରକୁ ନିଆଯାଇପାରେ- ଯାହାକି ଏବେ ଘରଘରର କାହାଣୀ ଅଟେ। ଯୁବସମାଜକୁ କର୍ମଠ, କୁଶଳୀ ଏବଂ ରୋଜଗାର କ୍ଷମ କରିବାର ପ୍ରୟାସ ସେମାନଙ୍କର ଛାତ୍ରାବସ୍ଥାରୁ ଆରମ୍ଭ ନକଲେ ଖାଲିଥିବା ମନରେ ଶୈତାନ ପ୍ରବେଶ କରି ସେମାନଙ୍କୁ ବିପଥଗାମୀ କରିବ ନିଶ୍ଚୟ।

ଆପଣଙ୍କ ଅଭିଯୋଗ, ସମସ୍ୟା, ମତାମତ କୁ ପ୍ରମାଣ ସହ ପଠାନ୍ତୁ। ବିଶେଷ ପୃଷ୍ଠା ନିମନ୍ତେ ଆର୍ଟିକଲ(ଆଲେଖ୍ୟ) ବି ପଠାଇ ପାରିବେ।

ମୋବାଇଲ (ହ୍ୱାଟସ୍ଆପ) : ୬୩୭୧୪୧୭୩୬୧
ଇମେଲ: voiceofvictimsnews@gmail.com
ମୁଖ୍ୟ ସମ୍ପାଦକ: କୈଳାସ ଚନ୍ଦ୍ର ଶତପଥୀ
ମୁଖ୍ୟ ପ୍ରତିନିଧି : ରଣଜିତ୍ ପଟ୍ଟନାୟକ



# ସ୍ୱଚ୍ଛ ହେବ କି ନିର୍ବାଚନ ଚାନ୍ଦା ସଂଗ୍ରହ ବ୍ୟବସ୍ଥା ?

**ଜାନକୀଶ ବଡ଼ପଣ୍ଡା**

ସର୍ବୋଚ୍ଚ ନ୍ୟାୟାଳୟଙ୍କ ପାଞ୍ଚ ଜଣିଆ ଖଣ୍ଡପୀଠ ଚଳିତ ବର୍ଷ ଫେବୃୟାରୀ ୧୫ ତାରିଖରେ ଏକ ଯୁଗାନ୍ତକାରୀ ଆଦେଶ ମାଧ୍ୟମରେ ନିର୍ବାଚନ ବଣ୍ଡ ଯୋଜନାକୁ ଅସାମ୍ବିଧାନିକ କହି ଦେଶର ସାଧାରଣ ନିର୍ବାଚନ ପରିବେଶକୁ ଉଷ୍ମ କରିଦେଇଛନ୍ତି। ଏହି ଯୋଜନାକୁ ଗଳାବାଟ ଭାବେ ବ୍ୟବହାର କରି ଅଜଣା ଭଣ୍ଡାରରୁ ଅମାପ ଧନରାଶି ରାଜନୈତିକ ଦଳଙ୍କ ପାଖକୁ ଆସି ଭାରତୀୟ ରାଜନୈତିକ ବ୍ୟବସ୍ଥାରେ ଠୁଳ ହୋଇଛି ବୋଲି ଖଣ୍ଡପୀଠ କହିଥିବା ତାତ୍ପର୍ଯ୍ୟପୂର୍ଣ୍ଣ। ନିର୍ବାଚନ ବଣ୍ଡ ଯୋଜନା ସମ୍ବିଧାନର ଅନୁଚ୍ଛେଦ ୧୯(୧)(ଏ)ରେ ଥିବା ନାଗରିକର ସୂଚନା ଅଧିକାରର ବିରୋଧାଚରଣ କରୁଥିବା ଦର୍ଶାଇ ନ୍ୟାୟାଳୟ ଏହାକୁ ଅବୈଧ ଓ ଅସାମ୍ବିଧାନିକ ଘୋଷଣା କରି ଦେଇଛନ୍ତି। ଏହି ଯୋଜନାରେ ଉଭୟ କ୍ରେତା ଓ ହିତାଧିକାରୀ ରାଜନୈତିକ ଦଳ, କ୍ରୟ ତାରିଖ, ଅର୍ଥ ପରିମାଣ ଇତ୍ୟାଦିର ସବିଶେଷ ବିବରଣୀ ନିର୍ବାଚନ ଆୟୋଗଙ୍କୁ ପ୍ରଦାନ କରିବାକୁ ଭାରତୀୟ ଷ୍ଟେଟ ବ୍ୟାଙ୍କକୁ ନ୍ୟାୟାଳୟ କହିଥିଲେ। ସେଥିପାଇଁ ୨୧ ଦିନ ମଧ୍ୟ ସମୟ ଦେଇଥିଲେ।

ରାଜନୈତିକ ଦଳଗୁଡିକୁ ମିଳୁଥିବା ପାଣ୍ଠି ଯୋଗାଣ ବ୍ୟବସ୍ଥାକୁ ସ୍ୱଚ୍ଛ କରିବାପାଇଁ ସରକାର ନିର୍ବାଚନ ବଣ୍ଡ ପ୍ରଚଳନ କରିଥିଲେ ବୋଲି କହୁଛନ୍ତି। ୨୦୧୭-୧୮ ବଜେଟରେ ତତ୍କାଳୀନ ଅର୍ଥମନ୍ତ୍ରୀ ଅରୁଣ ଜେଟଲୀ ଏହି ଯୋଜନାକୁ ୨୦୧୭ ଆର୍ଥିକ ବିଧେୟକ ଭାବେ ଆଗତ କରିଥିଲେ। ଫଳରେ କଡ଼ା ସଂସଦୀୟ ପର୍ଯ୍ୟବେକ୍ଷଣରୁ ଯୋଜନାଟି ବର୍ତ୍ତି ଯାଇଥିଲା। ସମ୍ବିଧାନର ୧୧୦ ଧାରାର ଏହା ଉଲ୍ଲଙ୍ଘନ ଥିଲା। କୌଣସି ଅନୁଷ୍ଠାନ କିମ୍ବା ବ୍ୟକ୍ତି ଅଜ୍ଞାତ ରହି ରାଜନୈତିକ ଦଳକୁ ପାଣ୍ଠି ପ୍ରଦାନ କରିପାରିବାର ବ୍ୟବସ୍ଥା ଯୋଜନାରେ ଥିଲା। ଏଥିରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖାରୁ ଜଣେ ଭାରତୀୟ ନାଗରିକ କିମ୍ବା କମ୍ପାନୀ ନିର୍ବାଚନ ବଣ୍ଡ କିଣି ପାରିବାର ବ୍ୟବସ୍ଥା କରାଯାଇଥିଲା। ନାଗରିକ ସମାଜ ଯୋଜନାକୁ ବିରୋଧ ଓ ସମାଲୋଚନା କରି ଅଭିଯୋଗ କଲେ ଯେ, ନିର୍ବାଚନ ବଣ୍ଡ ସରକାରଙ୍କ ପାଇଁ ବିରୋଧିଙ୍କ ଗୁଇନ୍ଦାଗିରି କରିବା ଲାଗି ଏକ ଅସ୍ତ୍ର ହୋଇଯାଇଛି। ନିର୍ବାଚନ ବଣ୍ଡ ଷ୍ଟେଟ ବ୍ୟାଙ୍କ ଦ୍ୱାରା ବିକ୍ରି ହେଉଥିବାରୁ, ବିରୋଧି ଦଳମାନଙ୍କୁ କିଏ ପାଣ୍ଠି ଯୋଗାଉଛନ୍ତି, ତାହା ସରକାର ଜାଣିପାରୁଛନ୍ତି। ସେମାନଙ୍କ ଉପରେ ଚାପ ପ୍ରୟୋଗ କରି ଶାସକ ଦଳକୁ ସମର୍ଥନ କରିବା ପାଇଁ ବାଧ୍ୟ କରୁଛନ୍ତି।

ତେବେ, ସର୍ବୋଚ୍ଚ ନ୍ୟାୟାଳୟ ନିର୍ବାଚନୀ ବଣ୍ଡକୁ ଅବୈଧ ଘୋଷଣା କରି ତାଙ୍କର ରାୟରେ ବଣ୍ଡ ସଂକ୍ରାନ୍ତ ସମସ୍ତ ତଥ୍ୟ ୨୧ ଦିନ ମଧ୍ୟରେ ଅର୍ଥାତ ମାର୍ଚ୍ଚମାସ ୬ ତାରିଖ ସୁଦ୍ଧା ନିର୍ବାଚନ କମିସନଙ୍କ ନିକଟରେ ଦାଖଲ କରିବାକୁ ଭାରତୀୟ ଷ୍ଟେଟ ବ୍ୟାଙ୍କକୁ ନିର୍ଦ୍ଦେଶ ଦେଇଥିଲେ। କାହିଁକି କେଜାଣି, ବ୍ୟାଙ୍କ ନିରବ ରହିଲା ଓ ମାର୍ଚ୍ଚ ୪ ତାରିଖରେ ଆବେଦନ କଲା ଯେ, ନିର୍ଦ୍ଧାରିତ ସମୟ ମଧ୍ୟରେ ସମ୍ପୂର୍ଣ୍ଣ ନିର୍ଭୁଲ ତଥ୍ୟ ଦାଖଲ କରିବା ସମ୍ଭବ ହେଉନଥିବାରୁ ଜୁନ ୩୦ ତାରିଖ ଯାଏଁ ମହଲତ ଦିଆଯାଉ। ଗୋପନୀୟତା ରକ୍ଷା କରିବା ଲାଗି ଚାନ୍ଦାଦାତା ଓ ଗ୍ରହୀତାଙ୍କ ନାମ ଅଲଗା ଅଲଗା କରି ରଖାଯାଇଥିବାରୁ କାହାକୁ କେଉଁ ବଣ୍ଡ ମିଳିଛି ତାକୁ ଗୋଟି ଗୋଟି କରି ମେଳାଇବା ସମୟ ସାପେକ୍ଷ ବୋଲି ଷ୍ଟେଟ ବ୍ୟାଙ୍କ ଯୁକ୍ତି ବାଢ଼ିଥିଲା। ମାର୍ଚ୍ଚ ୧୨ ତାରିଖରେ ଖଣ୍ଡପୀଠ ଆବେଦନଟିକୁ ଖାରଜ କରିବା ସହ ଗୋଟିଏ ଦିନ ଭିତରେ ସମସ୍ତ ତଥ୍ୟ ଦାଖଲ କରିବାକୁ ବ୍ୟାଙ୍କକୁ ଆଦେଶ ଦେଲେ। ଅଗତ୍ୟା ଷ୍ଟେଟ ବ୍ୟାଙ୍କ ନିର୍ବାଚନ କମିସନଙ୍କ ନିକଟରେ ତଥ୍ୟ ଦାଖଲ କଲା ପରେ, ନିର୍ବାଚନ କମିସନ ମଧ୍ୟ ସର୍ବସାଧାରଣଙ୍କ ଅବଗତି ପାଇଁ ନିଜର ୱେବସାଇଟରେ ସ୍ଥାନିତ କଲେ।

ନିର୍ବାଚନ ବଣ୍ଡ ଯୋଜନାର ନିୟମ ଅନୁଯାୟୀ ଷ୍ଟେଟ ବ୍ୟାଙ୍କର ନିର୍ଦ୍ଦିଷ୍ଟ କେତେକ ଶାଖାରୁ ବର୍ଷର ନିର୍ଦ୍ଦିଷ୍ଟ ଦିନରେ ବଣ୍ଡ କିଣିବାର ବ୍ୟବସ୍ଥା ରହିଥିଲା। କ୍ରେତାମାନଙ୍କ ସମ୍ପୂର୍ଣ୍ଣ ପରିଚୟ ବ୍ୟାଙ୍କରେ ରହିବା ବାଧ୍ୟତାମୂଳକ ଥିଲା। ବଣ୍ଡଗୁଡ଼ିକ କାଗଜର ନୋଟ ଭଳି ପ୍ରମିସରି ନୋଟ ପର୍ଯ୍ୟାୟର ଓ କ୍ରୟ କରା ଯାଇଥିବା ବଣ୍ଡଗୁଡ଼ିକୁ କେବଳ ଆଇନତଃ ଯୋଗ୍ୟ କିଛି ରାଜନୈତିକ ଦଳ ଗ୍ରହଣ କରିବାର ବ୍ୟବସ୍ଥା ଥିବାରୁ ନିର୍ଭୁଲ ତଥ୍ୟ ପ୍ରଦାନ କରାଯିବା ବ୍ୟାଙ୍କ ପାଇଁ କଷ୍ଟକର ନଥିଲା। ଏହି ବଣ୍ଡଗୁଡିକର ମୂଲ୍ୟ ଥିଲା ୧ ହଜାର, ୧୦ ହଜାର, ଏକ ଲକ୍ଷ, ଦଶ ଲକ୍ଷ ଓ ଏକ କୋଟି ଟଙ୍କା। ବଣ୍ଡ କାଗଜରେ କ୍ରେତା ବା ଗ୍ରହୀତାଙ୍କ ନାମ ଲେଖା ନଥିବାରୁ ଗୋପନୀୟତା ରକ୍ଷାହୁଏ। ତେବେ ପ୍ରତ୍ୟେକଟିରେ ସ୍ୱତନ୍ତ୍ର କ୍ରମିକ ସଂଖ୍ୟା ରହେ ଓ ବ୍ୟାଙ୍କ ପାଖରେ ସମସ୍ତ ତଥ୍ୟ ଗୋପନୀୟ ଭାବେ ରଖାଯାଏ। ହିତାଧିକାରୀ-ରାଜନୈତିକ ଦଳଗୁଡ଼ିକ ପାଇଥିବା ନିର୍ବାଚନ ବଣ୍ଡଗୁଡ଼ିକୁ ଜମା କରିବା ଲାଗି ଷ୍ଟେଟ ବ୍ୟାଙ୍କରେ ସ୍ୱତନ୍ତ୍ର ଖାତା ଖୋଲିବାର ବ୍ୟବସ୍ଥା ଥିଲା ଓ ବଣ୍ଡଗୁଡ଼ିକର ଆୟୁଷ ୧୫ ଦିନ ଥିବାରୁ କ୍ରୟ ଦିବସଠାରୁ ୧୫ ଦିନ ଭିତରେ ସେଗୁଡ଼ିକୁ ସେହି ସ୍ୱତନ୍ତ୍ର ଖାତାରେ ଜମା କରିବା ନିୟମ ଥିଲା। ତେଣୁ କେଉଁ ଦଳ କେତେ ଟଙ୍କାର ନିର୍ବାଚନ ବଣ୍ଡ ଜମା କରିଥିଲେ, ତାହା ବ୍ୟାଙ୍କ ନିକଟରେ ଥିଲେ ବି ସେମାନେ ଦାଖଲ କରିଥିବା ତଥ୍ୟ ଅସମ୍ପୂର୍ଣ୍ଣ ରହିବା ସନ୍ଦେହ ସୃଷ୍ଟି କଲା। ଅଦାଲତଙ୍କ ପୁନର୍ବାର ରୋଷର ଶିକାର ହେଲା ଷ୍ଟେଟ ବ୍ୟାଙ୍କ। କମ୍ପୁଟରୀକରଣ ତଥ୍ୟ ଥିଲେ ବି କାହିଁକି ଯେ ତଥ୍ୟ ଉପସ୍ଥାପନ କରିବା ଲାଗି ଷ୍ଟେଟ ବ୍ୟାଙ୍କ କୁଣ୍ଠିତ ପଦକ୍ଷେପ ନେଉଥିଲା, ତାହା ସ୍ପଷ୍ଟ ହୋଇ ନଥିଲେ ବି ଏହା ଯେ ଲୋକଚକ୍ଷୁରେ ଭାରତ ସରକାର ଓ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ଭାବମୂର୍ତ୍ତିକୁ ମଳିନ କରିଛି, ଏହା ନିଃସନ୍ଦେହ।

ଷ୍ଟେଟ ବ୍ୟାଙ୍କ ତଥ୍ୟ ଅନୁଯାୟୀ, ସେବାଷ୍ଟିଆନ୍ ମାର୍ଟିନଙ୍କ କମ୍ପାନୀ ଫ୍ୟୁଚର ଗେମିଙ୍ଗ ଏବଂ ହୋଟେଲ ସର୍ଭିସେସ୍ ୧,୩୬୫ କୋଟି ଟଙ୍କା ମୂଲ୍ୟର ବଣ୍ଡ କିଣିଥିବା ଜଣାଯାଇଛି। ମେଘା ଇଞ୍ଜିନିୟରିଂ ଆଣ୍ଡ ଇନଫ୍ରାଷ୍ଟ୍ରକଚର ୯୬୬ କୋଟି ଟଙ୍କା ସହିତ ଦ୍ୱିତୀୟ ସ୍ଥାନରେ ରହିଛି। ତା' ତଳକୁ ଅଛି ୪୧୦ କୋଟି ଟଙ୍କାର ବଣ୍ଡ କିଣିଥିବା ରିଲାଏନ୍ସ ସମ୍ବନ୍ଧିତ କ୍ୱିକ୍ ସପ୍ଲାଇ ଚେନ୍। ବେଦାନ୍ତ ଲିମିଟେଡ୍ ୪୦୦ କୋଟି ଟଙ୍କା ମୂଲ୍ୟର ବଣ୍ଡ କିଣିଥିବାବେଳେ ଆରପି-ସଞ୍ଜୀବ ଗୋଏଙ୍କା ଗୋଷ୍ଠୀର ହଳଦିଆ ଏନର୍ଜି ଲିମିଟେଡ୍ ୩୭୭ କୋଟି ଟଙ୍କା ମୂଲ୍ୟର ବଣ୍ଡ କିଣିଛି।

ଶୀର୍ଷ ୧୦୦ ବଣ୍ଡକ୍ରେତାଙ୍କ ମଧ୍ୟରେ ଅଛନ୍ତି ଏଭଳି ଅନେକ ଅପରିଚିତ କମ୍ପାନୀ ଓ ସେମାନେ ୨୭.୫ରୁ ୧୦୫ କୋଟି ଟଙ୍କା ପର୍ଯ୍ୟନ୍ତ ବଣ୍ଡ କ୍ରୟ କରିଛନ୍ତି। କେବଳ ସଂସ୍ଥା ନୁହନ୍ତି, କିଛି ପୁଞ୍ଜିପତି ଓ ଶିଳ୍ପପତି ମଧ୍ୟ ବ୍ୟକ୍ତିଗତ ଭାବେ ନିର୍ବାଚନୀ ବଣ୍ଡ୍ କିଣିଛନ୍ତି। ତଥାପି ଅନେକ ବଡ଼ ବଡ଼ ପୁଞ୍ଜିପତି କ୍ରେତାଙ୍କ ନାମ ଷ୍ଟେଟ ବ୍ୟାଙ୍କ ତାଲିକାରେ ନଥିବାରୁ ଭୃକୁଞ୍ଚନ ସୃଷ୍ଟି କରିଛି। ଏପରିକି କେତେକ ଅତ୍ୟଳ୍ପ ପୁଞ୍ଜି ଓ ମୂଲ୍ୟ ସହିତ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ କମ୍ପାନୀ ବିପୁଳ ପରିମାଣର ନିର୍ବାଚନ ବଣ୍ଡ କ୍ରୟ କରିବା ଚକିତ କାରକ। ଲାଭ କରୁ ନଥିବା କିଛି କମ୍ପାନୀ ବା କମ ଲାଭ କରିଥିବା କିଛି କମ୍ପାନୀ ବିପୁଳ ମୂଲ୍ୟର ବଣ୍ଡ୍ କ୍ରୟ କରିଛନ୍ତି। ନିର୍ବାଚନ ବଣ୍ଡ ଯୋଜନା କାର୍ଯ୍ୟକାରୀ ହେବାପରେ ୨୦୧୮ ମସିହାରେ ଗଠିତ କିଛି କମ୍ପାନୀ ପଞ୍ଜିକୃତ ହେବା ମାତ୍ରେ ବଣ୍ଡ କିଣିଛନ୍ତି। ଆଇନ ଆଖିରେ ଧରା ନପଡ଼ିବା ପାଇଁ ଚେଷ୍ଟିତ କୌଣସି ବଡ଼ କମ୍ପାନୀ ବା ପୁଞ୍ଜିପତିଙ୍କ କଳାଧନକୁ ନିର୍ବାଚନ ବଣ୍ଡ କିଣିବା ଲାଗି ବ୍ୟବହାର କରିବାକୁ ସେମାନେ ଏସବୁ 'ସେଲ୍ କମ୍ପାନୀ' ବା ମିଛ କମ୍ପାନୀ, ଗଠନ କରିଥିବା ସନ୍ଦେହ କରାଯାଉଛି। ଏହା 'ମନି ଲଣ୍ଡରିଂ' ଅପରାଧ ପର୍ଯ୍ୟାୟର ହୋଇଥିବାରୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ତଦନ୍ତସାପେକ୍ଷ।

ଭାରତୀୟ ଜନତା ପାର୍ଟି ସର୍ବାଧିକ ୬,୯୮୬ କୋଟି ଟଙ୍କାର ବଣ୍ଡ ଭଙ୍ଗାଇ ସାରିଛି। ଦ୍ୱିତୀୟ ସ୍ଥାନରେ ଥିବା ତୃଣମୂଳ କଂଗ୍ରେସ ଖାତାରେ ୧,୩୯୭ କୋଟି ଟଙ୍କା ଓ ଭାରତୀୟ ଜାତୀୟ କଂଗ୍ରେସ ଖାତାରେ ୧,୩୩୪ କୋଟି ଟଙ୍କା ଜମା ହୋଇଛି। ତଳକୁ ତଳ ରହିଛନ୍ତି ଯଥାକ୍ରମେ ତେଲେଙ୍ଗାନାର ବିଆରଏସ (୧,୩୨୨) କୋଟି ଓ ଓଡ଼ିଶାର ବିଜୁ ଜନତା ଦଳ (୯୪୪) କୋଟି ଟଙ୍କା। ଅଧିକାଂଶ ଦଳ ନିର୍ବାଚନ ବଣ୍ଡ ମାଧ୍ୟମରେ ଅର୍ଥ ପାଇଥିବାରୁ ବ୍ୟବସ୍ଥା ବିରୋଧରେ ସ୍ୱର ଉତ୍ତୋଳନ କରୁନାହାନ୍ତି।

ଓଡ଼ିଶାରେ ଦୀର୍ଘ ୨୪ ବର୍ଷ ଧରି ଶାସନ କରି ଆସୁଥିବା ବିଜୁ ଜନତା ଦଳକୁ ନିର୍ବାଚନ ବଣ୍ଡ ମାଧ୍ୟମରେ ମିଳିଛି ୯୪୪ କୋଟି ଟଙ୍କା। ଏହାର ୮୮ ପ୍ରତିଶତ ଆସିଛି ମୁଖ୍ୟତଃ ଖଣି ଓ ଇସ୍ପାତ ସମ୍ବନ୍ଧୀୟ ଶିଳ୍ପସଂସ୍ଥାରୁ। ସବୁଠୁ ଅଧିକ ଆର୍ଥିକ ସହଯୋଗ (୧୭୪.୫ କୋଟି ଟଙ୍କା) କରିଛି ଆଦିତ୍ୟ ବିର୍ଲା ଗୋଷ୍ଠୀର ଏସେଲ ମାଇନିଂ ଆଣ୍ଡ ଇଣ୍ଡଷ୍ଟ୍ରିଜ। ଆଦିତ୍ୟ ବିର୍ଲା ଗୋଷ୍ଠୀର ଉତ୍କଳ ଆଲୁମିନା (୯୦ କୋଟି), ଅଲଟ୍ରାଟେକ ସିମେଣ୍ଟ ଓ ଗ୍ରାସିମ ଇଣ୍ଡଷ୍ଟ୍ରି ମଧ୍ୟ ହାତ ଖୋଲି (୧୦ କୋଟି ଲେଖାଏଁ) ଚାନ୍ଦା ଦେଇଛନ୍ତି। ଗୋଷ୍ଠୀ ପକ୍ଷରୁ ସମୁଦାୟ ଚାନ୍ଦା ପରିମାଣ ୨୬୪.୫ କୋଟି ଟଙ୍କା, ଯାହା ଏହି ଦଳ ପାଇଥିବା ସମୁଦାୟ ଚାନ୍ଦାର ୩୪.୧ ପ୍ରତିଶତ। ତେବେ, ଏହି ଗୋଷ୍ଠୀ କ୍ରୟ କରିଥିବା ସମୁଦାୟ ୪୩୭.୮ କୋଟି ଟଙ୍କାର ବଣ୍ଡ ମଧ୍ୟରୁ ୬୦ ପ୍ରତିଶତ ଦେଇଛି ବିଜୁ ଜନତା ଦଳକୁ। ଏହା ବ୍ୟତୀତ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ୧୦୦ କୋଟି, ଜିନ୍ଦଲ ଷ୍ଟେନଲେସ (୩୦ କୋଟି), ବେଦାନ୍ତ ଗୋଷ୍ଠୀ (୪୦ କୋଟି), ଏସ ଏନ ମହାନ୍ତି (୪୫ କୋଟି) ଓ ପେଙ୍ଗୁଇନ ଟ୍ରେଡିଂ ସଂସ୍ଥା ଓ ଏହାର ମାଲିକ ମିଳିତ ଭାବେ ୩୨.୫ କୋଟି ଟଙ୍କାର ନିର୍ବାଚନ ବଣ୍ଡ କିଣିଛନ୍ତି ଓ ଓଡ଼ିଶାର ଶାସକ ଦଳକୁ ଉପହାର ଦେଇଛନ୍ତି।

ଏହା ସତ୍ୟ ଯେ, ନିର୍ବାଚନ ବଣ୍ଡ ଯୋଜନା ମାଧ୍ୟମରେ ଅର୍ଥ ଗ୍ରହଣ କରିବା ପାଇଁ ଦେଶର ଆଇନ ସହାୟକ ହୋଇଥିବାରୁ ବ୍ୟାଙ୍କ ମାଧ୍ୟମରେ ଚାନ୍ଦା ଗ୍ରହଣ ବେଆଇନ କାର୍ଯ୍ୟ ନୁହେଁ। ନଗଦ ଚାନ୍ଦା ତୁଳନାରେ ଏହାକୁ ଅଧିକ ସ୍ୱଚ୍ଛ ବୋଲି କୁହାଯାଇପାରେ। କିନ୍ତୁ ନିର୍ବାଚନ ବଣ୍ଡ ଯୋଜନାରେ ଯେ, ରାଜନୈତିକ ଦଳମାନଙ୍କ ପାଇଁ ଏକାଭଳି ସମାନ ପରିବେଶ ଦିଆଯାଇ ନାହିଁ, ଏହା ସ୍ପଷ୍ଟ। ଅସ୍ୱଚ୍ଛ କାରବାରକୁ ସ୍ୱଚ୍ଛତାର ମୁକୁଟମଣ୍ଡିତ କରିଦେଇ ଆମେ ନିଜକୁ ଠକୁ ନାହେଁ କି ? ଦେଶର ଜଣେ ସାଧାରଣ ନାଗରିକ ପକ୍ଷରେ କେଉଁ ଦଳକୁ କେତେ ପରିମାଣର ଅର୍ଥ ମିଳୁଛି ଜାଣିବା ଯେତିକି ଗୁରୁତ୍ୱପୂର୍ଣ୍ଣ, ତାହା ଅପେକ୍ଷା କାହିଁକି ମିଳିଛି ଓ ଏଥିରୁ ଦାତାମାନେ କିଭଳି ଅନୁଗୃହୀତ ହୋଇଛନ୍ତି, ତାହା ଜାଣିବା ତା'ଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ନିଶ୍ଚୟ। ଗଣତନ୍ତ୍ରରେ ପ୍ରତ୍ୟେକଙ୍କର ଜାଣିବାର ଅଧିକାର ରହିଛି ଓ ସରକାରମାନେ, ସ୍ୱଚ୍ଛତାର ସହିତ ସୂଚନା ଦେବାକୁ ବାଧ୍ୟ।

ନିର୍ବାଚନ ବଣ୍ଡ କ୍ରେତାମାନେ କ'ଣ ଖୁସିରେ ଅର୍ଥ ଖର୍ଚ୍ଚ କରନ୍ତି, ନା ଏହାର କିଛି ନିଗୂଢ଼ କାରଣ ରହିଛି ! ସନ୍ଦେହ କରାଯାଉଛି ଯେ ୧) ଇଡି, ସିବିଆଇ, ଆୟକର ବିଭାଗ ଭଳି କେନ୍ଦ୍ରୀୟ ସଂସ୍ଥାଙ୍କ ଚଢ଼ଉ, ରାଜ୍ୟସ୍ତରରେ ଅର୍ଥନୈତିକ ଅପରାଧ ତଦନ୍ତ ସଂସ୍ଥା, ଭିଜିଲାନ୍ସ ଇତ୍ୟାଦିଙ୍କ ତଦନ୍ତ ଓ ଗିରଫଦାରୀ ଭୟ, ୨) କୌଣସି ବିଶେଷ ଅନୁଗ୍ରହ ଓ ବଡ଼ ବଡ଼ କଣ୍ଟ୍ରାକ୍ଟ ପାଇବା ଉଦ୍ଦେଶ୍ୟରେ କିଛି ପୁଞ୍ଜିପତି ଓ ସେମାନଙ୍କ ସଂସ୍ଥା ଶାସକ ଦଳମାନଙ୍କୁ ଲାଞ୍ଚ ଦେବା ପାଇଁ ନିର୍ବାଚନ ବଣ୍ଡ୍ କ୍ରୟ କରିବାର ସୁଯୋଗ ନେଇଛନ୍ତି। ଅର୍ଥ ବିନିମୟରେ ସ୍ୱାର୍ଥ ହାସଲ କରିବାକୁ ଯେତେବେଳେ ନିର୍ଦ୍ଦିଷ୍ଟ ବ୍ୟକ୍ତି ଓ ସଂସ୍ଥା ପ୍ରୟାସ କରନ୍ତି ଓ ସରକାରୀ ଦଳମାନେ ତାହାକୁ ପ୍ରୋତ୍ସାହିତ କରନ୍ତି ସେତେବେଳେ ରାଷ୍ଟ୍ରସ୍ୱାର୍ଥ ବଳି ପଡ଼ିଯିବା ସ୍ୱାଭାବିକ।

ଆଶା କରାଯାଉଥିଲା ଯେ ନିର୍ବାଚନ ବଣ୍ଡ ସଂକ୍ରାନ୍ତୀୟ ତଥ୍ୟ ସାର୍ବଜନୀନ ହେବ, ଯାହା ଫଳରେ ମତଦାତାମାନେ ଆଗାମୀ ସାଧାରଣ ନିର୍ବାଚନ ପୂର୍ବରୁ ଅବଗତ ହୋଇ ନିଜର ମତାଧିକାର ସାବ୍ୟସ୍ତ କରିବାକୁ ସିଦ୍ଧାନ୍ତ ନେଇ ପାରିବେ। କିନ୍ତୁ ଏଥିପାଇଁ ସରକାରୀ ତତ୍ପରତା ପ୍ରକାଶ ପାଇବା ଅପେକ୍ଷା ଜନସାଧାରଣଙ୍କ ଦୃଷ୍ଟି ଅନ୍ୟାନ୍ୟ ପ୍ରସଙ୍ଗ ଉପରକୁ ନେବାର ପ୍ରୟାସ କ୍ଷୋଭର ବିଷୟ। ଯେଉଁ ଅଭିଯୋଗ ହେଉଛି ଯେ, ସରକାର ବ୍ୟାଙ୍କମାନଙ୍କୁ ସ୍ୱାଧୀନ ଭାବେ କାମ କରିବାକୁ ଦେଉ ନାହାନ୍ତି, ତାହା ଷ୍ଟେଟ୍ ବ୍ୟାଙ୍କର ଅସ୍ୱଚ୍ଛ କାରାବାରରୁ ସତ ବୋଲି ଜଣା ପଡୁଛି। ସାଧାରଣ ଜୀବନରେ ସ୍ୱଚ୍ଛତା ଓ ଦୁର୍ନୀତିମୁକ୍ତ ସମାଜ ଗଠନ ଲାଗି ଜୋର ଦେଉଥିବା ସବୁ ଦଳର ରାଜନେତାମାନେ ନିଜ ଦଳୀୟ ସ୍ତରରେ ତା'ର ପ୍ରଥମେ ଅନୁପାଳନ କରିବା ଆବଶ୍ୟକ। କେତେ ପରିମାଣର ନିର୍ବାଚନ ବଣ୍ଡ କାହାଠାରୁ ମିଳିଛି ତାହା ସମ୍ପୃକ୍ତ ରାଜନୈତିକ ଦଳଗୁଡ଼ିକ ଜାଣନ୍ତି। ସେମାନେ ନିଜ ତରଫରୁ ସ୍ୱତଃପ୍ରବୃତ୍ତ ଭାବେ ତାହା ଘୋଷଣା ନକରି ଅନ୍ୟକୁ ଦୋଷ ଦେବା ଠିକ ନୁହେଁ।

ଫୋ- ୯୪୩୮୨୯୯୦୩୭

ଭାଗ-୧ । ସଂଖ୍ୟା-୨୦ । ଭୁବନେଶ୍ୱର । ୧ ରୁ ୭ ଏପ୍ରିଲ୍ ୨୦୨୪
Vol-1 I Issue-20 I Bhubaneswar I 1 to 7 March 2024

# ଆଡଭାନୀଙ୍କୁ ଭାରତ ରତ୍ନରେ ସମ୍ମାନିତ କଲେ ରାଷ୍ଟ୍ରପତି

**ନୂଆଦିଲ୍ଲୀ:** ଦେଶର ସର୍ବୋଚ୍ଚ ନଗରିକ ସମ୍ମାନ ଭାରତ ରତ୍ନରେ ସମ୍ମାନିତ ହେଲେ ବିଜେପିର ବରିଷ୍ଠ ନେତା ଲାଲକୃଷ୍ଣ ଆଡଭାନୀ। ତାଙ୍କ ବାସଭବନରେ ପହଞ୍ଚି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କୁ ଭାରତ ରତ୍ନରେ ସମ୍ମାନିତ କରିଛନ୍ତି। ଏହି ସମୟରେ ତାଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ଗୃହମନ୍ତ୍ରୀ ଅମିତ ଶାହ ମଧ୍ୟ ଉପସ୍ଥିତ ଥିଲେ।



ଆଡଭାନୀଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁ ରାଷ୍ଟ୍ରପତି ନିଜେ ତାଙ୍କ ଘରକୁ ଯାଇ ତାଙ୍କୁ ଭାରତ ରତ୍ନରେ ସମ୍ମାନିତ କରିଛନ୍ତି। ଫେବୃଆରୀ ୩ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ଭାରତ ରତ୍ନ ଦେବା ପାଇଁ ଘୋଷଣା କରିଥିଲେ। ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ତଥା ବିଜେପିର ସଂସ୍ଥାପକ ନାନା ଜୀ ଦେଶମୁଖଙ୍କ ପରେ ଏହି ସମ୍ମାନ ପାଇବାରେ ଆଡଭାନୀ ହେଉଛନ୍ତି ବିଜେପି ଏବଂ ଆରଏସଏସ ସହ ଜଡିତ ତୃତୀୟ ନେତା। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ଭବନରେ ୪ ଜଣ ବ୍ୟକ୍ତି ବିଶେଷଙ୍କୁ ମରଣୋତ୍ତର ଭାରତ ରତ୍ନ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏଥିରେ ପୂର୍ବତନ ପ୍ରଧାନମନ୍ତ୍ରୀ ଚୌଧୁରୀ ଚରଣ ସିଂହ, ପୂର୍ବତନ ପ୍ରଧାନମନ୍ତ୍ରୀ ପିଭି ନରସିହ୍ମା ରାଧ, ବିହାର ପୂର୍ବତନ ମୁଖ୍ୟମନ୍ତ୍ରୀ କର୍ପୁରୀ ଠାକୁର ଓ କୃଷି ବୈଜ୍ଞାନିକ ଡଃ.ଏମ୍ଏସ୍ ସ୍ୱାମୀନାଥନ ସାମିଲ ଥିଲେ। ତେବେ ସ୍ୱାସ୍ଥ୍ୟାବସ୍ଥା ଠିକ ନଥିବାରୁ ରାଷ୍ଟ୍ରପତି ଭବନରେ ଆୟୋଜିତ ସମାରୋହରେ ଉପସ୍ଥିତ ହୋଇ ପାରିନଥିଲେ ଆଡଭାନୀ।

## ମରଣୋତ୍ତର ଭାବେ ୪ ଜଣଙ୍କୁ ଭାରତ ରତ୍ନ ପ୍ରଦାନ

**ନୂଆଦିଲ୍ଲୀ:** ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନ ଭାରତ ରତ୍ନ ପ୍ରଦାନ କରାଯାଇଛି। ଚଳିତ ବର୍ଷ ପାଇଁ ମନୋନୀତ ବିଶିଷ୍ଟ ବ୍ୟକ୍ତିଙ୍କୁ ଭାରତ ରତ୍ନ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଆଜି ରାଷ୍ଟ୍ରପତି ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଭାରତ ରତ୍ନ ସମ୍ମାନ ପ୍ରଦାନ କରିଛନ୍ତି। ଚଳିତ ବର୍ଷ ଭାରତ ରତ୍ନ ସମ୍ମାନ ପାଇଁ ପାଞ୍ଚ ଜଣଙ୍କ ନାମ ଘୋଷଣା ହୋଇଥିବା ବେଳେ ଆଜି ୪ ଜଣଙ୍କୁ



ମରଣୋତ୍ତର ଭାବେ ଭାରତ ରତ୍ନ ପ୍ରଦାନ କରାଯାଇଛି। ପୂର୍ବତନ ଉପପ୍ରଧାନମନ୍ତ୍ରୀ ତଥା ବରିଷ୍ଠ ବିଜେପି ନେତା ଲାଲକୃଷ୍ଣ ଆଡଭାନୀଙ୍କୁ ପରବର୍ତ୍ତୀ ସମୟରେ ଭାରତ ରତ୍ନ ପ୍ରଦାନ କରାଯିବ। ମରଣୋତ୍ତର ଭାବେ ସମ୍ମାନ ପାଇଥିବା ଚାରି ବିଶିଷ୍ଟ ବ୍ୟକ୍ତି ହେଉଛନ୍ତି, ପୂର୍ବତନ ପ୍ରଧାନମନ୍ତ୍ରୀ ଚୌଧୁରୀ ଚରଣସିଂହ ଓ ପିଭି ନରସିଂହା ରାଓ, କୃଷି ବୈଜ୍ଞାନିକ ତଥା ଶବୁଜ ବିପ୍ଳବ ଜନକ ଏମ୍? ଏସ୍? ସ୍ୱାମୀନାଥନ ଏବଂ ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ସ୍ୱାଧୀନତା ସଂଗ୍ରାମୀ କର୍ପୁରୀ ଠାକୁର।

# ଆୟକର ନୋଟିସ ପରେ ଆସିଲା ରାହୁଲ ଗାନ୍ଧିଙ୍କ 'ଗ୍ୟାରେଣ୍ଟି'

**ନୂଆଦିଲ୍ଲୀ:** ଦେଶର ସର୍ବପୁରାତନ ରାଜନୀତିକ ଦଳ କଂଗ୍ରେସକୁ ଆୟକର ବିଭାଗ ପୁଣି ୧୮୨୩ କୋଟି ଟଙ୍କାର ନୋଟିସ ପଠାଇଛି। ଏହି ନୋଟିସ ପରେ କଂଗ୍ରେସ ନେତା ରାହୁଲ ଗାନ୍ଧି ବିଜେପି ଉପରେ ଜୋରଦାର ହମଲା କରିଛନ୍ତି।



ବିଜେପି ମୋଦି କି ଗ୍ୟାରେଣ୍ଟୀ ନାରା ଦେଇ ପ୍ରଚାର କରୁଥିବା ବେଳେ ଏବେ ରାହୁଲ ଗାନ୍ଧିଙ୍କ ଗ୍ୟାରେଣ୍ଟୀ ସାମ୍ନାକୁ ଆସିଛି। ଯେତେବେଳେ କଂଗ୍ରେସ ସରକାର କ୍ଷମତାକୁ ଫେରିବ, ସେତେବେଳେ ଗଣତନ୍ତ୍ର ଧଜିଆ ଉଡ଼ାଇଥିବା ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ରାହୁଲ କହିଛନ୍ତି।

ସେ ଏକ୍ସରେ ଗୋଟିଏ ପୋଷ୍ଟ କରି କହିଛନ୍ତି, "ଯେବେ ସରକାର ବଦଳିଯିବ ସେତେବେଳେ ଗଣତନ୍ତ୍ରର ଚରିତ୍ର ହରଣ କରିଥିବା ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଯେମିତି ହେଲେ ଗ୍ରହଣ କରାଯିବ। କାର୍ଯ୍ୟାନୁଷ୍ଠାନ ଏମିତି ଗ୍ରହଣ କରାଯିବ ଯେମିତି ଆଗକୁ କେହି ବି ଏପରି କାମ କରିବାକୁ ସାହାସ କରିବେ ନାହିଁ। ଏହା ମୋର ଦେଶବାସୀଙ୍କୁ ଗ୍ୟାରେଣ୍ଟୀ।" ସେ ଏହି ପୋଷ୍ଟ ସହ ବିଜେପି ଟିକସ ଆତଙ୍କବାଦ କରୁଥିବା ମଧ୍ୟ ହ୍ୟାଶଟ୍ୟାଗ ବ୍ୟବହାର କରିଛନ୍ତି।

ଏହାପୂର୍ବରୁ ଆୟକର ନୋଟିସ ପ୍ରସଙ୍ଗରେ କଂଗ୍ରେସ ନେତା ଜୟରାମ ରମେଶ ବିଜେପିକୁ ତୀବ୍ର ସମାଲୋଚନା କରିଥିଲେ। ସେ କହିଥିଲେ, ନିର୍ବାଚନୀ ବଣ୍ଡ ସ୍କାମରୁ ବିଜେପି ୮,୨୦୦ କୋଟି ଟଙ୍କା ପାଇଛି। ପ୍ରି-ପେଡ, ପୋଷ୍ଟ ପେଡ, ପୋଷ୍ଟ ରେଡ ଲାଞ୍ଚ ଓ ଶେଲ କମ୍ପାନୀ ଦ୍ୱାରା ଟଙ୍କା ହାସଲ କରିଛି। ବିଜେପି ଟିକସ ଆତଙ୍କବାଦରେ ସାମିଲ ରହିଛି। କଂଗ୍ରେସକୁ ଆର୍ଥିକସ୍ତରରେ ପଙ୍ଗୁ କରି ଦେବାକୁ ଉଦ୍ୟମ ଚାଲିଛି। ହେଲେ ଆମେ କେବେ ହେଲେ ମୁଣ୍ଡ ନୁଆଁଇବୁ ନାହିଁ ବୋଲି ସେ କହିଛନ୍ତି।

## ବିହାରରେ ଇଣ୍ଡିଆ ମେଣ୍ଟର ଆସନ ଭାଗବଣ୍ଟା

# ଆରଜେଡିକୁ ୨୬, କଂଗ୍ରେସ ପାଇଲା ୯

**ନୂଆଦିଲ୍ଲୀ:** ବିହାରରେ ଇଣ୍ଡିଆ ମେଣ୍ଟର ଆସନ ଭାଗବଣ୍ଟା ହୋଇଛି। ୪୦ଟି ଲୋକସଭା ଆସନରୁ ୨୬ଟି ଆସନରେ ଆରଜେଡି ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଥିବାବେଳେ କଂଗ୍ରେସ ୯ ଏବଂ ବାମପନ୍ଥୀ ଦଳକୁ ପାଞ୍ଚଟି ଆସନ ବଣ୍ଟନ କରାଯାଇଛି।

କଂଗ୍ରେସ କାଟିହର, କିଶାନଗଞ୍ଜ, ପାଟନା ସାହେବ, ସାସାରାମ, ଭାଗଲପୁର, ପର୍ଶ୍ଚିମ ଚମ୍ପାରନ, ମୁଜାଫରପୁର, ସାମସ୍ତିପୁର ଏବଂ ମହାରାଜଗଞ୍ଜ ଆସନରୁ ପ୍ରାର୍ଥୀ ଦେବ ଏବଂ ବାମପନ୍ଥୀମାନେ ବେଗୁସରାଇ, ଖାଗରିଆ, ଆରାହ, କରକାଟ ଏବଂ ନାଳନ୍ଦାରୁ ପ୍ରତିଦ୍ୱନ୍ଦ୍ୱିତା କରିବେ। ବାକି ୨୬ଟି ଆସନରେ ଆରଜେଡି ପ୍ରାର୍ଥୀ ଦେବ ବୋଲି ବୁଝାମଣା ହୋଇଛି। ବିହାରର ୪୦ଟି ଆସନ ପାଇଁ ଲୋକସଭା ନିର୍ବାଚନ ଏପ୍ରିଲ ୧୯, ୨୬, ମେ ୭, ୧୩, ୨୦, ୨୫ ଏବଂ ଜୁନ୍ ୧ରେ ସାତୋଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ। ଜୁନ୍ ୪ରେ ଫଳାଫଳ ପ୍ରକାଶ ପାଇବ।



ଅନ୍ୟପକ୍ଷରେ ବିଜେପି ନେତୃତ୍ୱାଧୀନ ନ୍ୟାସନାଲ ଡେମୋକ୍ରାଟିକ୍ ଆଲାଏନ୍ସ (ଏନଡିଏ)ର ସହଯୋଗୀ ଦଳ ମଧ୍ୟରେ ଆସନ ଭାଗବଣ୍ଟା ସରିଛି। ବିହାରରୁ ବିଜେପି ୧୭ ଲୋକସଭା ଆସନରେ ଲଢିବାକୁ ଥିବାବେଳେ ଜେଡି (ୟୁ) ୧୬ ଆସନରେ ପ୍ରାର୍ଥୀ ଦେବ। ସେହିପରି ହିନ୍ଦୁସ୍ତାନ ଆୱାମ ମୋର୍ଚ୍ଚା (HAM) ଏବଂ ରାଷ୍ଟ୍ରୀୟ ଲୋକ ସମତା ପାର୍ଟି (RLSP) ଯଥାକ୍ରମେ ଗୋଟିଏ ଲେଖାଏଁ ଆସନରେ ପ୍ରାର୍ଥୀ ଦେବେ ଏବଂ ଚିରାଗ ପାସୱାନଙ୍କ ନେତୃତ୍ୱାଧୀନ ଲୋକ ଜନଶକ୍ତି ପାର୍ଟି (ରାମ ବିଳାସ) ପାଞ୍ଚଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ଏଠାରେ ୨୦୧୯ ଲୋକସଭା ନିର୍ବାଚନରେ କଂଗ୍ରେସ କେବଳ ଗୋଟିଏ ଆସନ ଜିତିଥିବାବେଳେ ଆରଜେଡି ଏବଂ ବାମ ଦଳ ଖାତା ଖୋଲିପାରି ନଥିଲେ। ଏନଡିଏ ମିଳିତ ମଞ୍ଚ ବିଜେପି ଏବଂ ଜନତା ଦଳ (ୟୁନାଇଟେଡ୍) ଜେଡି (ୟୁ) ଯଥାକ୍ରମେ ୧୭ ଏବଂ ୧୬ଟି ସିଟ୍ ଜିତିଥିଲେ।

# ଆପଲ, ଡେଲ, ଆଇବିଏମ ଭଳି କମ୍ପାନୀ କରିଛନ୍ତି ବ୍ୟାପକ ଛଟେଇ

**ନୂଆଦିଲ୍ଲୀ:** ଚଳିତ ବର୍ଷ ମାର୍ଚ୍ଚ ମାସରେ ବିଶ୍ୱର ଟେକ୍ନୋଲୋଜି ଇଣ୍ଡଷ୍ଟ୍ରୀରେ ବଡ଼ଧରଣର ଛଟେଇ ଦେଖିବାକୁ ମିଳିଛି। ଇଣ୍ଡଷ୍ଟ୍ରୀ କ୍ଷେତ୍ର ଅନେକ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଥିବାରୁ କମ୍ପାନୀ ଗୁଡ଼ିକ ସେମାନଙ୍କର କର୍ମଚାରୀ ସଂଖ୍ୟା ହ୍ରାସ କରିଛନ୍ତି।

ଏରିକସନ, ଡେଲ ଓ ଆପଲ ଭଳି କମ୍ପାନୀ ବିଭିନ୍ନ କାରଣ ପାଇଁ ମାର୍ଚ୍ଚ ମାସରେ ଛଟେଇ କରିଛନ୍ତି। ଏରିକସନ ସ୍ୱିଡେନରେ ୧୨ଶହ କର୍ମଚାରୀଙ୍କୁ ଚାକିରିରୁ ବାହାର କରିଛି। ୫ଜି ଇକ୍ୟୁପମେଣ୍ଟର ଚାହିଦା କମୁ ଥିବାରୁ କମ୍ପାନୀ ଏପରି ନିଷ୍ପତ୍ତି ନେଇଛି। ଏରିକସନ ଗତବର୍ଷ ମଧ୍ୟ ୮,୫୦୦ କର୍ମଚାରୀ ବା ମୋଟ ୮% କର୍ମଚାରୀଙ୍କୁ ବାହାରର ରାସ୍ତା ଦେଖାଇଥିଲା।



ସେହିପରି ଡେଲ କଷ୍ଟ କଟିଂ ପାଇଁ ଛଟେଇ କରିଛି। ଫେବୃଆରୀ ମାସେ ଡେଲର କର୍ମଚାରୀଙ୍କ ସଂଖ୍ୟା ୧,୨୦,୦୦ ରହିଥିଲା। ୨୦୨୩ରେ ଏହି ସଂଖ୍ୟା ୧,୨୬,୦୦୦ ଥିଲା। ଡେଲର ପିସିର ଚାହିଦା ୧୧% ହ୍ରାସ ପାଇଛି। ଏଥିଯୋଗୁ କମ୍ପାନୀର ଆୟ ପ୍ରଭାବିତ ହୋଇଛି। ତେଣୁ ଡେଲ ପ୍ରାୟ ୬ ହଜାର କର୍ମଚାରୀଙ୍କୁ ବିଦା କରି ସାରିଲାଣି।

ବ୍ଲୁମ୍‌ବର୍ଗ ରିପୋର୍ଟରେ କୁହାଯାଇଛି ଯେ ଆପଲ ମାଇକ୍ରୋ ଏଲଇଡି ଡିସପ୍ଲେ ବିକଶିତ କରିବାକୁ ଚାହୁଁଥିଲା। ଗୋଟିଏ ଭବିଷ୍ୟତ ଆପଲ ୱାଚ୍? ପାଇଁ ଏହା ବିକଶିତ କରୁଥିଲା। ଏବେ କିନ୍ତୁ ଏହା ଉପରେ ରୋକ ଲାଗିବା ସହ କମ୍ପାନୀ ତା'ର ଡିସପ୍ଲେ ଇଞ୍ଜିନିୟରିଂ ଟିମ୍‌କୁ ପୁନଃଗଠନ କରୁଛି। ଏଥିପାଇଁ ଆମେରିକା ଓ ଏସିଆରେ କାର୍ଯ୍ୟରତ ଅନେକ କମ୍ପାନୀକୁ କମ୍ପାନୀ ଚାକିରିରୁ ବାହାର କରି ଦେଇଛି।

ଆଇବିଏମ ବା ଇଣ୍ଟରନ୍ୟାଶନାଲ ବିଜନେସ ମେସିନ୍ସ ଗ୍ରୁପ ନିର୍ଦ୍ଦିଷ୍ଟ ସଂଖ୍ୟା ନ କହି କେବଳ ଛଟେଇ କରାଯାଛି ବୋଲି ଘୋଷଣା କରିଛି। କମ୍ପାନୀର ମାର୍କେଟିଂ ଓ କମ୍ୟୁନିକେସନ ବିଭାଗର କର୍ମଚାରୀଙ୍କ ସଂଖ୍ୟାର ହ୍ରାସ କରାଯାଇଛି।

ଆଇବିଏମର ମୁଖ୍ୟ କମ୍ୟୁନିକେସନ ଅଧିକାରୀ ଜୋନାଥନ ଆଡଶେଖ କର୍ମଚାରୀଙ୍କ ସହ ୭ ମିନିଟର ମିଟିଂ କରିଥିଲେ। ଏହି ମିଟିଂରେ ସେ ଛଟେଇ ସମ୍ପର୍କରେ ସୂଚନା ଦେଇଛନ୍ତି।

# UNVEILING THE MIRAGE:

# THE MENACE OF DEEP FAKES IN THE DIGITAL AGE



Nihar Ranjan Acharya



RISE OF THE DEEPFAKES

Data scientists are sounding the alarm about advances in artificial intelligence that enable video and images to be generated that are impossible to distinguish from the real thing.

Fakes and forgeries have been around for centuries, but the ap-plication ... more effective. Misleading video and images produced by the new technology are known as 'deepfakes', a combination of the words 'deep learning' and 'fake'.

"Give it a few years and it will become impossible to tell what's real and what isn't," said a top ... tential for fake news, celebrity porn and financial fraud, among many other things."

She said governments and companies were investing in research to counter deepfakes by using the same AI techniques to detect them.

In today's interconnected world, where information is disseminated at the speed of light and technology continues to advance, a new threat has emerged: deep fakes.These sophisticated manipulations of audio, video, and images, crafted using cutting-edge artificial intelligence algorithms, pose a significant risk to our society.

At their core, deep fakes represent a form of disinformation, capable of seamlessly blending fabricated content with reality. While they may initially seem innocuous or even entertaining, the implications of deep fakes are profound and potentially devastating.

One of the most alarming aspects of deep fakes is their ability to erode trust in institutions and individuals. With the proliferation of video evidence in our digital age, the line between truth and falsehood has become increasingly blurred. Deep fakes exacerbate this problem by making it possible to fabricate convincing videos of individuals saying or doing things they never actually did. The implications for politics, the justice system, and public discourse are staggering.

Moreover, deep fakes have the potential to cause real harm to individuals. From revenge porn to blackmail, the ability to create realistic simulations of people engaging in illicit or embarrassing behavior opens the door to a host of privacy violations and personal attacks. Victims of deep fake attacks may find themselves ostracized, humiliated, or even subject to legal consequences for actions they never committed.

Actress Rashmika Mandanna Controversy: In 2023, a deep fake controversy rocked the entertainment industry when popular South Indian Actress Rashmika Mandanna became the target of a malicious deep fake campaign. Deep fake videos purportedly featuring Mandanna engaging in explicit and inappropriate behavior began circulating online, causing widespread outrage and condemnation. The fabricated videos, creating using advanced AI algorithms, were designed to tarnish Mandanna's reputation and undermine her career. Despite her vehement denial of the authenticity of the videos, the damage to Mandanna's image was already done, with many fans and industry insiders questioning the veracity of the claims.

The incident sparked a broader conversation about the dangers of deep fakes and the need for greater safeguards to protect individuals from malicious manipulation. Mandanna herself became an advocate for greater awareness of the issue, urging her followers to remain vigilant and discerning when consuming digital content.

The Rashmika Mandanna controversy serves as a stark reminder of the profound impact deep fakes can have on the lives and livelihoods of individuals, highlighting the urgent need for concerted action to address this growing threat. As technology continues to evolve, it is imperative that we remain vigilant and proactive in safeguarding against the malicious use of AI-generated content.

Furthermore, the rise of deep fakes exacerbates existing challenges surrounding misinformation and propaganda. In an era where social media algorithms prioritize engagement over accuracy, false information spreads like wildfire. Deep fakes have the potential to amplify this problem exponentially, making it even more difficult for individuals to distinguish between genuine content and manipulations.

Addressing the threat of deep fakes requires a multifaceted approach involving technology, regulation, and education. Technological solutions, such as digital watermarking and cryptographic verification methods, can help detect and mitigate the spread of deep fakes. Additionally, platforms and policymakers must implement robust policies to combat the dissemination of deceptive content online. Education also plays a crucial role in empowering individuals to critically evaluate the information they encounter online. By teaching media literacy skills and fostering a healthy skepticism towards online content, we can arm the public with the tools they need to navigate the digital landscape safely.

However, despite these efforts, the battle against deep fakes is far from over. As AI technologies continue to advance, so too will the capabilities of those seeking to exploit them for nefarious purposes. To truly address the threat of deep fakes, we must remain vigilant, adaptable, and committed to upholding the integrity of our digital ecosystem.

In conclusion, the rise of deep fakes represents a significant and growing threat in the digital age. From undermining trust in institutions to causing real harm to individuals, the implications of deep fakes are profound and far-reaching. By embracing technological solutions, implementing robust regulations, and prioritizing education, we can begin to address this threat and safeguard the integrity of our digital landscape for generations to come.

Author of "Understanding and Addressing Climate Change Vol.1"
– a Best Seller Book on Climate Change
Founder and Working Director, TRUST – a Science Lover Organization
'Scientific Officer',
Indian Climate Congress

**Email: nihar.acharya@rediffmail.com, nihar.acharya1973@gmail.com**
**Ph.8249775817**



Sj DEVELOPERS
builds assets for life

ଉତ୍କଳ ଦିବସର
ହାର୍ଦ୍ଦିକ ଅଭିନନ୍ଦନ

**SJ DEVELOPERS & HOUSING PRIVATE LIMITED**
Corporate Office: ROYAL ARCADE, Unit No. 526 to 532, 5th Floor, Near Royal Lagoon, Nandankanan Road, Rathunathpur, Patia, Bhubaneswar- 751024, Ph.: +9338357575, Email ID: career@sjdevelopers.com

# ଦୁଇ କୁଖ୍ୟାତ ଆନ୍ତଃଜିଲ୍ଲା ଅପରାଧୀ ଗିରଫ

କୁଚିଣ୍ଡା (ଭିଓଭି): କୁଚିଣ୍ଡା ସହରରେ ଜଣେ ମହିଳାଙ୍କ ବେକରୁ ସୁନାହାର ଲୁଟିବା ଉଦ୍ୟମ କରିଥିବା କୁଚିଣ୍ଡା ପୋଲିସ ଏକ ଦୁଇ ଜଣିଆ ଆନ୍ତଃଜିଲ୍ଲା ଲୁଟେରା ଗ୍ୟାଙ୍ଗ ସହ ମୁଖ୍ୟ ଷଡଯନ୍ତ୍ରକାରୀ ତଥା ସେମାନଙ୍କୁ ସୁରକ୍ଷା ଦେବା ଘଟଣାରେ ଜଣକୁ ଗିରଫ କରି ଗୁରୁବାର କୁଚିଣ୍ଡା ଏସଡିଜେଏମ କୋର୍ଟକୁ ଚାଲାଣ କରିଛି । ଜଣଙ୍କର ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି । ଗିରଫ ଅଭିଯୁକ୍ତ ମାନେ ହେଲେ କେନ୍ଦ୍ରାପଡା ଜିଲ୍ଲା ସଦର ଥାନା ଅନୁଆପଡା ଗ୍ରାମର ଉମେଶଚନ୍ଦ୍ର ସାହୁ ଓରଫ ମୁତୁରା(୩୬), ଯାଜପୁର ଜିଲ୍ଲା ବାଲିଚନ୍ଦ୍ରପୁର ଥାନା ମୁଷାଟିକିରି ଗ୍ରାମର ଅଶିତ କୁମାର କର ଓରଫ ଲିପୁଆ(୩୭) ଏବଂ ଷଡଯନ୍ତ୍ରକାରୀ ମହୁଲପାଲି ଥାନା ବୁରୋଡିହି ଗ୍ରାମର ସଞ୍ଜିତ କୁମାର ପଟେଲ (୪୮)। ଏନେଇ ପୋଲିସ କୁଚିଣ୍ଡା ଥାନା କେଶ ନଂ୧୩୨/୨୪ ଧାରା ୩୯୨/ ୧୨୦(ବି)ଆଇପିସି ୨୫ ଆର୍ମ୍ସ ଆକ୍ଟରେ ମାମଲା ରୁଜୁ କରିଛି । ଗିରଫ ଲୁଟେରାଙ୍କ ଠାରୁ ପୋଲିସ ଏକ ଦେଶି ପିସ୍ତଲ ଓ ୩ଟି ଜୀବନ୍ତ ଗୁଳି, ଏକପଲସର ବାଇକ ଏବଂ ଗୋଟିଏ ମୋବାଇଲ ଫୋନ ଜବତ କରି ଅଧିକ ତଦନ୍ତ ଜାରି ରଖିଛି । କୁଚିଣ୍ଡା ଏସଡିପିଓ ଅମିତାଭ ପଣ୍ଡା ଏବଂ କୁଚିଣ୍ଡା ଆଇଆଇସି ଦିଲୀପ କୁମାର ସ୍ୱାଇଁ ଏକ ଖବରଦାତା ସମ୍ମିଳନୀରେ କୁଖ୍ୟାତ ଆନ୍ତଃ ଜିଲ୍ଲା ଲୁଟେରା ଗ୍ୟାଙ୍ଗର ଖୁଲାସା କରିଛନ୍ତି ।



ମିଳିଥିବା ସୂଚନାରୁ ପ୍ରକାଶ ଯେ,ମଙ୍ଗଳବାର ସନ୍ଧ୍ୟା ସାଢେ ୬ଟା ସମୟରେ କୁଚିଣ୍ଡା ସହରର ଟାଉନହଲଠାରେ ଏକ ବିବାହ ଉତ୍ସବରେ ଯୋଗଦେବାକୁ ସୁନ୍ଦରଗଡ ଜିଲ୍ଲା ଭଷ୍ମା ଥାନା ଜାମତଲିଆ ଗ୍ରାମର ରାଜେନ୍ଦ୍ର କୁମାର ନାୟକ ସ୍ତ୍ରୀଙ୍କ ସହ ଆସିଥିଲେ । ଟାଉନହଲ ସମ୍ମୁଖ ମୁକୁନ୍ଦି ଷ୍ଟାଡିୟମ କଡରେ ରାଜେନ୍ଦ୍ର ଗାଡି ପାର୍କିଂ କରୁଥିବା ସମୟରେ ତାଙ୍କ ସ୍ତ୍ରୀ ରାସ୍ତା କଡରେ ଛିଡା ହୋଇଥିଲେ । ଏହି ସମୟରେ ଦ୍ରୁତ ଗତିରେ ଏକ ପଲସର ବାଇକରେ ଦୁଇଜଣ ଦୁର୍ବୃତ୍ତ ଆସି ରାଜେନ୍ଦ୍ରଙ୍କ ସ୍ତ୍ରୀ ବେକରୁ ପିନ୍ଧିଥିବା ସୁନାହାରକୁ ଝାମ୍ପି ଥିଲେ । ମାତ୍ର ମହିଳା ଜଣକ ଦୁର୍ବୃତ୍ତଙ୍କ ହାତକୁ ଧରି ଦେବାରୁ ହାରଟି ଛିଣ୍ଡିଯାଇଥିଲା । ଦୁର୍ବୃତ୍ତମାନେ ସୁନାହାରର ଏକ ଛିଣ୍ଡା ଅଂଶ ଧରି ସେଠାରୁ ଫେରାର ମାରିଥିଲେ । ଏ ସଂକ୍ରାନ୍ତରେ ରାଜେନ୍ଦ୍ର ତୁରନ୍ତ କୁଚିଣ୍ଡା ଥାନାରେ ଲିଖିତ ରିପୋର୍ଟ କରିଥିଲେ । କୁଚିଣ୍ଡା ପୋଲିସ ଏନେଇ ଥାନାରେ ଏକ ମାମଲା ରୁଜୁ କରି ଏସଆଇ ଲଭଲି ପ୍ରଧାନଙ୍କୁ ତଦନ୍ତ ଦାୟିତ୍ୱ ଦେଇଥିଲା । ପୋଲିସ ଘଟଣାକୁ ଗୁରୁତର ସହ ନେଇ ବିଭିନ୍ନ ସ୍ଥାନରେ ଚଢାଉ କରିଥିବା ବେଳେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଆଇଆଇସି ଦିଲିପ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଏକ ପୋଲିସ ଟିମ ବୁରୋଡିହି ଗ୍ରାମର ସଞ୍ଜିତ ପଟେଲଙ୍କ ଘରେ ଚଢାଉ କରିଥିଲେ । ପୋଲିସ ସେଠାରୁ ମୁତୁରା ସହ ସଞ୍ଜିତଙ୍କୁ ଗିରଫ କରି ଏକ ଦେଶି ପିସ୍ତଲ ଓ ଜୀବନ୍ତ ଗୁଳି ଜବତ କରିଥିଲା । ଉଭୟଙ୍କୁ ଜେରା କରିବାରେ ଲୁଟ ଘଟଣାରେ ସାମିଲଥିବା ଲିପୁଆ ସମ୍ପର୍କରେ ପୋଲିସ ସୂଚନା ପାଇଥିଲା । ପରେ ପୋଲିସ ଟିମ ଅନୁଗୁଳ ଜିଲ୍ଲାର ନିଶା ଥାନା ଅଞ୍ଚଳରୁ ଲିପୁଆକୁ ଗିରଫ କରିଥିଲା । ମୁତୁରା ନାମରେ କେନ୍ଦ୍ରାପଡା ଓ ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ଥାନାରେ ୨୫ଟି ଅପରାଧିକ ମାମଲା ଥିବାବେଳେ, ଲିପୁଆ ନାମରେ କଟକ ଜିଲ୍ଲାର ବିଭିନ୍ନ ଥାନାରେ ୨୨ଟି ଅପରାଧିକ ମାମଲା ରହିଛି । ସେହିପରି ବୁରୋଡିହିର ସଞ୍ଜିତ ନାମରେ ପୂର୍ବରୁ କୁଚିଣ୍ଡା ଥାନାରେ ଏକ ମାମଲା ରହିଛି ଓ ସେ କିଛି ଦିନ ଧରି ଜେଲ ହାଜତରେ ମଧ୍ୟ ଥିଲେ । ଜାମିନରେ ସେ ଜେଲରୁ ମୁକୁଳି ଉପରୋକ୍ତ କୁଖ୍ୟାତ ଅପରାଧିଙ୍କ ସହ ସମ୍ପର୍କ ସ୍ଥାପନ କରି କିଛିଦିନ ଧରି ତାଙ୍କ ଘରେ ଆଶ୍ରୟ ଦେଇ କୁଚିଣ୍ଡା ଅଞ୍ଚଳରେ ଡକାୟତି ଯୋଜନା କରିଥିଲେ । ଗତ ୧୧/୧୨ତାରିଖ ରାତିରେ ଏମାନେ ମହୁଲପାଲି ଥାନା କୁନ୍ତରା ଉତ୍କଳ ଗ୍ରାମ୍ୟ ବ୍ୟାଙ୍କର ତାଲା ଭାଙ୍ଗି ଡକାୟତି ଉଦ୍ୟମ କରିଥିଲେ ହେଁ ସେଥିରେ ସେମାନେ ଅସଫଳ ହୋଇଥିଲେ । ଏହି ଗ୍ୟାଙ୍ଗ ମଙ୍ଗଳବାର ରାତିରେ କୁଚିଣ୍ଡା ବସଷ୍ଟାଣ୍ଡର ଏକ ସୁନା ଦୋକାନରେ ଡକାୟତି କରିବା ଯୋଜନା କରିଥିଲେ ।

# ଅଙ୍ଗନବାଡ଼ି ୩ ବର୍ଷ ହେଲା ଦିଦିଙ୍କ ଘରେ ଚାଲିଛି: ୧୪ ଲକ୍ଷ ମଞ୍ଜୁର ହୋଇ ପଡିରହିଛି !

ନିମାପଡ଼ା (ଭିଓଭି): ଗ୍ରାମାଞ୍ଚଳ ଶିଶୁମାନଙ୍କ ମଧ୍ୟରେ ଉତ୍ତମ ଖାଦ୍ୟ ଓ ପୁଷ୍ଟିପୋଷଣ ରକ୍ଷା କରିବା ଦିଗରେ କେନ୍ଦ୍ର/ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକୁ ବ୍ଲକ୍ ପ୍ରଶାସନ ବେଖାତିର କରୁଥିବା ନେଇ ଅଭିଯୋଗ ହୋଇଛି । ଧନୁଆଁ ଗ୍ରା.ପ.ର ହରିଶପୁର ଏବଂ ଖେଲାର ଗ୍ରାମ ପାଇଁ ଉଦ୍ଦିଷ୍ଟ ୨ଟି ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ ପାଇଁ ୩ ବର୍ଷ ତଳେ ୧୪ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା । ବ୍ଲକ୍ କନିଷ୍ଠ ଯନ୍ତ୍ରୀଙ୍କ ନାମେ କାର୍ଯ୍ୟାଦେଶ ଥିବାରୁ କର୍ତ୍ତୃପକ୍ଷ ପ୍ଲିଥ୍ଂ ପର୍ଯ୍ୟନ୍ତ ନିର୍ମାଣ କରି ଗତ ୩ ବର୍ଷ ହେଲା ଆଉ ଦେଖା ନାହାନ୍ତି ବୋଲି ଗ୍ରାମବାସୀଙ୍କ ଠାରୁ ପ୍ରକାଶ । ସେବେଠାରୁ କୋମଳମତି ଶିଶୁମାନେ ଅଙ୍ଗନୱାଡ଼ି ଦିଦିଙ୍କ ଘରେ ପାଠ ପଢ଼ିବା ସହିତ ଖେଳକୁଦ କରୁଥିବା ସୂଚନା ମିଳିଛି । ପରିବାର ଘର ଭିତରେ ଯାହା ପାଠ ପଢ଼ାଉଥିବା ଏବଂ ଖେଳକୁଦ ହେଉଥିବା ତାହା କେବଳ କର୍ମୀଙ୍କୁ ଜଣା ବୋଲି



ଗ୍ରାମବାସୀମାନେ ସୂଚନା ଦେଇଛନ୍ତି । ପ୍ରଥମେ ଅଙ୍ଗନୱାଡ଼ି ଗୃହ ନିର୍ମାଣ କରିଥିବା ଠିକାଦାର ପ୍ରଥମ ବିଲ୍ ବ୍ଲକ୍ କାର୍ଯ୍ୟାଳୟରୁ ଉଠାଇ ନେଇଥିବା ବେଳେ କାମ ନ ହେବା ଦ୍ୱାରା ପିଲାମାନଙ୍କ ପାଠପଢ଼ାରେ ବାଧା ସୃଷ୍ଟି ହୋଇଥିବା କୁହାଯାଇଛି । ଏ ସଂକ୍ରାନ୍ତରେ ବିଡ଼ିଓ ଙ୍କୁ ପଚାରିବାରେ ମୁଁ ଏଠାକୁ ନିକଟରେ ବଦଳି ହୋଇ ଆସିଛି, ତଦନ୍ତ ପାଇଁ ନିର୍ଦ୍ଦେଶ କରିଛି ବୋଲି ଏହି ପ୍ରତିନିଧିଙ୍କୁ କହିଥିଲେ ।

## କୋଣାର୍କ-ପୁରୀ ଜାତୀୟ ରାଜପଥ ରାସ୍ତା ପାଲଟିଛି ପାର୍କିଂ ସ୍ଥାନ

# ଦୁର୍ଘଟଣା ବୃଦ୍ଧି ପାଇବା ଆଶଙ୍କା, ବେଫିକର ଏନ୍ଏସି ଓ ପୋଲିସ ପ୍ରଶାସନ !

କୋଣାର୍କ (ଭିଓଭି): କୋଣାର୍କ-ପୁରୀ ଜାତୀୟ ରାଜପଥ ରାସ୍ତାର ଉଭୟ ପାର୍ଶ୍ୱରେ ହଜାର ହଜାର ସଂଖ୍ୟାରେ ଯାତ୍ରୀବାହୀ ବସ ପାର୍କିଂ ହେବା ଯୋଗୁଁ ଗମନାଗମନ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇ ପଡିଥିବା ବେଳେ ଦୁର୍ଘଟଣା ବୃଦ୍ଧି ପାଇବା ଭଳି ଆଶଙ୍କା ସୃଷ୍ଟି ହୋଇଛି । ଖବରରୁ ପ୍ରକାଶ ଯେ କୋଣାର୍କ ସୂର୍ଯ୍ୟ ମନ୍ଦିର ପରିଦର୍ଶନ କରିବା ପାଇଁ ଦେଶ ବିଦେଶରୁ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକ ମାନେ ଯାତ୍ରୀବାହୀ ବସ ଯୋଗେ ଏଠାକୁ ଆସିଥାନ୍ତି । ପର୍ଯ୍ୟଟକ ମାନଙ୍କ ଯାତ୍ରୀବାହୀ ବସ ରଖିବା ପାଇଁ କୋଣାର୍କ ଏନଏସି ପ୍ରଶାସନ ପକ୍ଷରୁ ପାର୍କିଂ ସ୍ଥଳ ନ ଥିବା ବେଳେ କୋଣାର୍କ - ପୁରୀ ଜାତୀୟ ରାଜପଥ କଡରେ



ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକ ମାନଙ୍କ ବସ ପାର୍କିଂ କରିବା ଯୋଗୁଁ ଗମନାଗମନ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି । ଫଳରେ ଏହି ରାସ୍ତା ଦେଇ ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ କୋଣାର୍କ ଠାରୁ ପୁରୀ ଅଭିମୁଖେ ଯାତ୍ରା କରୁଥିବା ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକ ମାନଙ୍କ ଯାତ୍ରୀବାହୀ ବସ, ଚାରି ଚକିଆ ଯାନ ଓ ଦୁଇ ଚକିଆ ଯାନ ଗୁଡିକ ଦୁର୍ଘଟଣା ଘଟିବା ଭଳି ଆଶଙ୍କା ସୃଷ୍ଟି ହୋଇଛି । କୋଣାର୍କ ଏନଏସି ପ୍ରଶାସନ ପକ୍ଷରୁ ପାର୍କିଂ ସ୍ଥାନ ନ ଥିବା ବେଳେ ବିଭାଗୀୟ ଭାବେ କେଉଁ ନିୟମ ଅଧାରରେ ଏନଏସି କର୍ମଚାରୀ ମାନେ ବେଆଇନ ଭାବେ ଜାତୀୟ ରାଜପଥରେ ଗାଡି ପାର୍କିଂ କରିବା ପାଇଁ ପର୍ଯ୍ୟଟକ ମାନଙ୍କୁ କହି ସେମାନଙ୍କ ଠାରୁ ଗାଡି ପାର୍କିଂ ଆଦାୟ କରିବା ଘଟଣାକୁ ବୁଦ୍ଧିଜୀବୀ ଓ ପର୍ଯ୍ୟଟକ ମାନଙ୍କ ମହଲରେ ନାପସନ୍ଦ କରାଯାଇଛି । କୋଣାର୍କ ଏନଏସି ପ୍ରଶାସନ ଓ ସ୍ଥାନୀୟ ପୁଲିସ ପ୍ରଶାସନର ବେଫିକର ମନୋଭାବ ପୋଷଣ ଯୋଗୁଁ ଜାତୀୟ ରାଜପଥ କଡରେ ପର୍ଯ୍ୟଟକ ମାନଙ୍କ ନିମନ୍ତେ ବେଆଇନ ଗାଡି ପାର୍କିଂ ଘଟଣା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଏଭଳି ବେଆଇନ କାର୍ଯ୍ୟ ଉପରେ ସ୍ଥାନୀୟ ପୋଲିସ ପ୍ରଶାସନ ଅଙ୍କୁଶ ଲଗାଇବା ସହ ଜାତୀୟ ରାଜପଥ କଡରେ ବେଆଇନ ପାର୍କିଂ ହଟାଇବା ପାଇଁ ତ୍ୱରିତ ପଦକ୍ଷେପ ଗ୍ରହଣ ନ କଲେ ବଡ ଧରଣର ଦୁର୍ଘଟଣା ଆଶଙ୍କା ସୃଷ୍ଟି ହେବାକୁ ଏଡାଇ ଦିଆଯାଇ ନ ପାରେ ବୋଲି ବୁଦ୍ଧିଜୀବି ଓ ପର୍ଯ୍ୟଟକମାନଙ୍କ ମହଲରେ ଆଶଙ୍କା ପ୍ରକାଶ ପାଇଛି । ଏହି ସମ୍ବେଦନଶୀଳ ଘଟଣା ଉପରେ ପୁରୀ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ସହ ଏଭଳି ବେଆଇନ ପାର୍କିଂ ହଟାଇବା ପାଇଁ କୋଣାର୍କ ଅଞ୍ଚଳର ସାମାଜିକ କର୍ମୀ, ସଚେତନ ନାଗରିକ, ବୁଦ୍ଧିଜୀବୀ, ଶିକ୍ଷାବିତ, ବରିଷ୍ଠ ନାଗରିକ, ପର୍ଯ୍ୟଟକ ପ୍ରେମୀ ଓ କୋଣାର୍କ ଅଞ୍ଚଳର ଜନସାଧାରଣଙ୍କ ପକ୍ଷରୁ ଦାବି କରାଯାଇଛି ।

### ଉଦ୍‌ଘାଟନ ପରେ କାମରେ ଆସୁନି ଜଳ ଯୋଗାଣ ପ୍ରକଳ୍ପ

# ପିଇବା ପାଣି ପାଇଁ ପୋଖରୀ ଭରଷା

ବେଲଗୁଣ୍ଠା (ଭିଓଭି): ତାତି ଯେତିକି ବଢୁଛି ଜଳକଷ୍ଟ ସେତିକି ବଢୁଛି । ପାଣି ଟାଙ୍କି ଥାଇବି ପାଣି ଆସୁନି । ପାଣି ପାଇଁ ତହଲ ବିକଳ ହେଉଛନ୍ତି ଲୋକେ । ବାଧ ହୋଇ ଗାଁ ପୋଖରୀର ଦୂଷିତ ଜଳକୁ ପାନୀୟ ଜଳ ରୂପେ ବ୍ୟବହାର କରୁଛନ୍ତି ଗ୍ରାମବାସୀ । ବେଲଗୁଣ୍ଠା ବ୍ଲକ ତନରଡ଼ା ପଞ୍ଚାୟତର ବାଣ ତୁମ୍ବ ଗ୍ରାମ ମୁହଁରେ ଛିଡା ହୋଇଛି ବିରାଟ ପାଣି ଟାଙ୍କି, ପ୍ରତି ଘରକୁ ସଂଯୋଗ ହୋଇଛି ପାଣି ପାଇପ । ହେଲେ ପାଇପରେ ପାଣି ଆସୁନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଗ୍ରାମର ମହିଳାମାନେ ପ୍ରତିଦିନ ମାଠିଆଧରୀ ଗାଁ ପୋଖରୀରୁ ପିଇବା ପାଣି ସଂଗ୍ରହ କରୁଛନ୍ତି । ସରକାରଙ୍କ ବସୁଧା ଯୋଜନାରେ ଗାଁରେ ନିର୍ମାଣ ହୋଇଛି ଜଳ ଯୋଗାଣ ପ୍ରକଳ୍ପ । ଗତ ୬ ମାସ ହେଲା ପ୍ରକଳ୍ପ କାର୍ଯ୍ୟ ସରିଲାଣି । ଗାଁକୁ କିଛିଦିନ ଧରି ଟ୍ରାଇଲ ଭାବେ ପାଣି ଆସିଲା କିନ୍ତୁ ଏବେ ଆଉ ଟ୍ୟାପରେ ପାଣିଆସୁନି । ଏକକୋଟି ଏକାଅସି ଲକ୍ଷଟଙ୍କାରେ ନିର୍ମିତ ହୋଇଥିବା ଏହି ପ୍ରକଳ୍ପ ଗତ ପ୍ରାୟ ୨୦ ଦିନ ପୂର୍ବେ ଉଦ୍‌ଘାଟନ ପରେ କାମରେ ଆସୁନି



ଜଳ ଯୋଗାଣ ପ୍ରକଳ୍ପ । ଟାଙ୍କି କାମ ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଥିଲେ ବି ଏହାକୁ ତଦନ୍ତ ପରିସରକୁ ନିଆଗଲାନି । ଏହି ଗାଁରେ ବାସକରୁଥିବା ଦୁଇଶହରୁ ଅଧିକ ପରିବାରଙ୍କୁ ଏବେ ଘାରିଛି ଜଳ ଚିନ୍ତା । ଆଗକୁ ଗ୍ରୀଷ୍ମ ମାସରେ ଅସହ୍ୟ ତାତି ସମୟରେ ପାଣି ଟିକିଏ ମିଳିବ ନାହିଁ । ଗାଁରେ ଥିବା କୂଅ ଓ ନଳକୂଅର ଜଳ ପାନୀୟ ଉପଯୋଗୀ ହୋଇନଥିବାରୁ ଏଥିରେ ରୋଷେଇ କଲେ ଭଲସେ ହେଉନଥିବା ଜଣାପଡିଛି । ଆଉ ସୋଲାରରେ ଯେଉଁ ଜଳ ବ୍ୟବସ୍ଥା ହୋଇଛି ତାହା ଆବଶ୍ୟକତା ପୁରଣ କରିପାରୁନାହିଁ । ବାଧ ହୋଇ ଲୋକମାନେ ଗାଁ ପୋଖରୀର ଜଳକୁ ଛାଣି ବ୍ୟବହାର କରୁଛନ୍ତି । ଏହି ପାଣି ପିଇ ଅନେକ ସମୟରେ ରୋଗର ଆକ୍ରାନ୍ତ ହେଉଥିବା ଅଭିଯୋଗ ହୋଇଛି । ଜଳ ଯୋଗାଣ ସମସ୍ୟାର ଶୀଘ୍ର ସମାଧାନ ନକଲେ ଆସୁଥିବା ନିର୍ବାଚନରେ ଗ୍ରାମବାସୀଙ୍କ ପକ୍ଷରୁ ଏହାର ସଠିକ ଜବାବ ଦିଆଯିବ ବୋଲି କହିଛନ୍ତି ଗ୍ରାମର ମହିଳା ।

# ନିର୍ବାଚନ ପୂର୍ବରୁ ଡକାୟତି ଗ୍ୟାଙ୍ଗଙ୍କୁ ପୁଲିସର ଟାର୍ଗେଟ୍

ଭୁବନେଶ୍ୱର (ଭିଓଭି): ଆଗକୁ ଆସୁଛି ସାଧାରଣ ନିର୍ବାଚନ । ନିର୍ବାଚନକୁ ଆଖି ଆଗରେ ରଖି କମିଶନରେଟ୍ ପୁଲିସ ତତ୍ପର । ରାଜଧାନୀରେ ବଢ଼ିଚାଲିଥିବା ଅପରାଧ, ନିଶା କାରବାରକୁ କେମିତି ଦମନ କରାଯାଇପାରିବ ସେ ନେଇ ଆକ୍ସନ ମୋଡରେ ସିପି ଓ ଡ଼ିସିପି । ବିଭିନ୍ନ ଥାନାକୁ ଡ଼ିସିପିଙ୍କ କଡ଼ା ନିର୍ଦ୍ଦେଶ ରହିଛି । ପ୍ରତ୍ୟେକ ଦିନ ଥାନାର କେସ ଗୁଡ଼ିକୁ ଧ୍ୟାନ ଦେବା ସହ ନିଜ ନିଜ ଅଞ୍ଚଳରେ ରାତିରେ ପାଟ୍ରୋଲିଂ, ଚେକିଂ, ବ୍ଲକିଂକୁ କଡାକଡି କରିବା ସହ ଖଟି, ନିଶା ସେବନ, ଅସମାଜିକ ଯୁବକଙ୍କୁ ସାବାଡ଼ ଓ କୁଖ୍ୟାତ ଅପରାଧିଙ୍କୁ ଗିରଫ କରି ଜେଲ ପଠାଇବା ନେଇ ରହିଛି କଡା ନିର୍ଦ୍ଦେଶ ଡିସିପିଙ୍କ ନିର୍ଦ୍ଦେଶ ପରେ ବିଭିନ୍ନ ଥାନା ପୁଲିସ ଆକ୍ସନ ମୋଡରେ ଆସିବା ସହ ଚେକିଂ, ବ୍ଲକିଂ, ପାଟ୍ରୋଲିଂ, ନିଜ ଅଞ୍ଚଳର ବସ୍ତି ମାନଙ୍କରେ ଫ୍ଲାଗ୍ ମାର୍ଚ୍ଚ କରାଯାଉଛି । ଏହି ଭିତରେ କମିଶନରେଟ୍ ପୁଲିସର ବିଭିନ୍ନ ଥାନା ପୁଲିସ ଲଗାତାର ଭାବେ ୫ଟି ଡକାୟତି ଗ୍ୟାଙ୍ଗ୍‌କୁ ଗିରଫ କରିବାରେ ସଫଳ ହୋଇଛି । ସେହିଭଳି ଗତକାଲି ବିଳମ୍ବିତ ରାତିରେ ମଧ ନୟାପଲ୍ଲୀ ଅଞ୍ଚଳରେ ହେବାକୁ ଯାଉଥିବା ଏକ ବଡ଼ଧରଣର ଡ଼କାୟତି ଯୋଜନାକୁ ପଣ୍ଡ କରିଛି ନୟାପଲ୍ଲୀ ଥାନା ପୁଲିସ । ଥାନାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଥାନାର ସ୍ପେଶାଲ ଟିମ ପଟାସବଣୀଆ ଛକ ନିକଟ ପଡ଼ିଆରେ ଚଢ଼ାଉ କରି ୫ ଜଣ ଡକାୟତଙ୍କୁ କାବୁ କରିବା ସହ ସେମାନଙ୍କ ଠାରୁ ୨ଟି ସାଉଥ୍ ଖଣ୍ଡା, ୨ଟି ଲୁହାରଡ଼, ଏକ କଟୁରୀ, ୩ଟି ମୋବାଇଲ, ଏକ ବୁଲେଟ୍ ବାଇକ, ଲଙ୍କାଗୁଣ୍ଡ, ମଦ ବୋତଲ ଜବତ କରାଯାଇଛି । ଗିରଫ ୫ ଅଭିଯୁକ୍ତ ହେଲେ, ଖଣ୍ଡଗିରି ସତାବଦିନଗରର ସୁନିଲ ଗୌଡ଼, ବରମୁଣ୍ଡା ପ୍ରଧାନ ସାହିର ରଞ୍ଜିତ୍ ପ୍ରଧାନ, ଖଣ୍ଡଗିରିବାରୀର ଜନ୍ ପ୍ରଧାନ,




ମୈତ୍ରୀବିହାରର ରଞ୍ଜନ ପ୍ରଧାନ ଓ ସାଲିଆସାହିର ବିକାଶ ବେହେରା । ପରେ ପୁଲିସ ଥାନା କେସ ନମ୍ବର ୧୫୨ରେ ମାମଲା ରୁଜୁକରି ଦଫା ୩୯୯/୪୦୨ ଆଇପିସି ଧାରାରେ ସମସ୍ତଙ୍କୁ କୋର୍ଟ ଚାଲାଣ କରିଛି ।

ସୂଚନାଯୋଗ୍ୟ ଯେ, ମଙ୍ଗଳବାର ବିଳମ୍ବିତ ରାତି ୩ଟା ବେଳେ ସାଲିଆସାହି ପଟାସବଣୀଆ ଛକ ନିକଟ ପଡ଼ିଆରେ କିଛି ଯୁବକ ବସିଥିବା ବେଳେ କୌଣସି ଏକ ଡକାୟତି ଯୋଜନା ଚଳାଇଥିବା ନେଇ ନୟାପଲ୍ଲୀ ଥାନା ଅଧିକାରୀ ସତ୍ୟରଞ୍ଜନ ପ୍ରଧାନ ଜାଣିବାକୁ ପାଇଥିଲେ । ଖବର ପାଇବା ପରେ ସଙ୍ଗେ ସଙ୍ଗେ ଥାନାର ଏକ ସ୍ପେଶାଲ ଟିମକୁ ପଠାଇ ପଡ଼ିଆରେ ଅଚାନକ ଚଢ଼ାଉ କରିଥିଲେ । ଚଢ଼ାଉ ବେଳେ ଟିମ ୫ ଜଣ ଅଭିଯୁକ୍ତଙ୍କୁ କାବୁ କରିଥିବା ବେଳେ ଘଟଣା ସ୍ଥଳରୁ ୨ ଜଣ ଅଭିଯୁକ୍ତ ଫେରାର ହେବାରେ ସକ୍ଷମ ହୋଇଥିଲେ । ଫଳରେ ୫ ଜଣଙ୍କୁ ଗିରଫ କରାଯାଇ ସେମାନଙ୍କ ତଲାସି ବେଳେ ସେମାନଙ୍କ ନିକଟରୁ ୨ଟି ଖଣ୍ଡା, ଏକ ଭୁଜାଲି, ୨ଟି ଲୁହାରଡ, ଲଙ୍କାଗୁଣ୍ଡ, ୩ଟି ମୋବାଇଲ ଓ ଏକ ବୁଲେଟ ବାଇକ ଜବତ କରାଯାଇଛି ।




## ଆଡଭୋକେଟ୍ ବନମାଳୀ ମହାପାତ୍ର ସମ୍ମାନିତ

ରଣପୁର (ଭିଓଭି): ଅପରାଧୀମାନଙ୍କୁ କୋର୍ଟରେ ହୋଇଥିବା ଦଣ୍ଡବିଧାନ କ୍ଷେତ୍ରରେ ନିଜର ଦକ୍ଷତା, ପାରଦର୍ଶିତା ଓ କର୍ତ୍ତବ୍ୟନିଷ୍ଠା ପାଇଁ ସରକାରୀ ପବ୍ଲିକ ପ୍ରସିକ୍ୟୁଟର ତଥା ରଣପୁର ମାଟିର ପୁଅ



ଆଡଭୋକେଟ୍ ବନମାଳୀ ମହାପାତ୍ରଙ୍କୁ କଟକ-ଭୁବନେଶ୍ୱର କମିଶନରେଟ ପୁଲିସ କାର୍ଯ୍ୟାଳୟରେ ପୁଲିସ କମିସନର ସଞ୍ଜୀବ ପଣ୍ଡା ସମ୍ମାନିତ କରିଛନ୍ତି । ସମ୍ବର୍ଦ୍ଧନା ସଭାରେ ପୋଲିସ ବିଭାଗର ଅନ୍ୟାନ୍ୟ ଉଚ୍ଚ ପଦସ୍ଥ ଅଧିକାରୀ ମାନେ ମଧ୍ୟ ଉପସ୍ଥିତ ଥିଲେ । ଏଥିପାଇଁ ଶ୍ରୀ ମହାପାତ୍ରଙ୍କୁ ବିଭିନ୍ନ ସଂଗଠନ ଓ ଅଞ୍ଚଳର ବୁଦ୍ଧିଜୀବୀ ମାନଙ୍କ ଠାରୁ ଅଭିନନ୍ଦନ ର ସୁଅ ଛୁଟିଛି ।

# ସେଫ୍‌ସିଟି ଡ୍ରାଇଭ୍‌କୁ ଜୋର୍‌ଦାର କଲା କମିଶନରେଟ୍ ପୋଲିସ୍: ମଦୁଆ ଗାଡ଼ି ଚାଳକଙ୍କୁ ଛାଟ

ଭୁବନେଶ୍ୱର (ଭିଓଭି): ମଦୁଆ ଗାଡି ଚାଳକ ସାବଧାନ । ସହରରେ ଚାଲିଛି ସେଫ୍ ସିଟି ଡ୍ରାଇଭର । ଅମାନିଆଙ୍କୁ ସାବାଡ କରିବା ପାଇଁ ଡିସିପି ପ୍ରତୀକ ସିଂ ସବୁ ଥାନା ଅଧିକାରୀଙ୍କୁ ଦେଇଛନ୍ତି କଡା ନିର୍ଦ୍ଦେଶ । ଖାଲି ସେତିକି ନୁହେଁ, ମଦ୍ୟପାନ କରି ଗାଡି ଚାଳନା ସମୟରେ ଧରାପଡିଲେ ଏଣିକି ଫାଇନ ନୁହେଁ, ଗାଡିକୁ ସିଜ୍ କରିବ କମିଶନରେଟ୍ ପୁଲିସ । ଦରକାର ପଡିଲେ ଗାଡି ଚାଳକଙ୍କୁ ମଧ ଗିରଫ କରି କୋର୍ଟ ଚାଲାଣ କରିବ ପୁଲିସ । ଏହିଭଳି କଡା ନିର୍ଦ୍ଦେଶ ଦେଇଛନ୍ତି ଶ୍ରୀ ସିଂ । ଆଗାକୁ ସାଧାରଣ ନିର୍ବାଚନ ପାଖେଇ ଆସୁଥିବାରୁ ଅପରାଧୀଙ୍କୁ ସାବାଡ କରିବା ପାଇଁ ସେଫ ସିଟି ଡ୍ରାଇଭ ଚାଲିଛି । ଭୁବନେଶ୍ୱର ସହରାଞ୍ଚଳ ପୁଲିସ ଜିଲ୍ଲା ତରଫରୁ ବିଭିନ୍ନ ଥାନା ଅଞ୍ଚଳରେ ମଦ୍ୟପାନ କରି ଗାଡି ଚାଳନା ବିରୋଧରେ ଧରପଗଡ ଅଭିଯାନ କଡାକଡି ଭାବେ ଚାଲୁଅଛି । ଏହି ଧରପଗଡ ଅଭିଯାନରେ ରାସ୍ତାରେ ଯାତାୟାତ କରୁଥିବା ସମସ୍ତ ଯାନବାହାନକୁ ଯାଞ୍ଚ କରାଯିବା ସହିତ ଅନ୍ୟାନ୍ୟ ଅପରାଧିକ କାର୍ଯ୍ୟ କଳାପ ବିରୋଧରେ ମଧ ଧରପଗଡ କରାଯାଇ ଜନସାଧାରଣଙ୍କୁ ସଚେତନ କରାଯିବା ସହିତ ଆବଶ୍ୟକ ସ୍ଥଳେ ଗାଡି ଜବତ କରାଯାଇ ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରାଯାଉଅଛି । ଏହି ପରିପ୍ରେକ୍ଷୀରେ ଗତକାଲି ରାତିରେ ଭୁବନେଶ୍ୱର ସହରାଞ୍ଚଳରେ ଥିବା କ୍ୟାପିଟାଲ ଥାନା,



ଲକ୍ଷ୍ମୀସାଗର ଥାନା, ମଞ୍ଚେଶ୍ୱର ଥାନା, ସହିଦନଗର ଥାନା, ଇନଫୋସିଟି ଥାନା, ଓ ଖଣ୍ଡଗିରୀ ଥାନା ଅନ୍ତର୍ଗତ ରସୁଲଗଡ ଛକ, ଲକ୍ଷ୍ମୀସାଗର ଛକ, ରାଜମହଲ ଛକ, ଡେଲ୍ଟା ଛକ, ଆଇଏମଏମଟି ଛକ, କିଟ ଛକ ଆଦି ସ୍ଥାନରେ ସମ୍ପୃକ୍ତ ଥାନା ଆଇଆଇସି ଓ ଏସିପିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଧରପଗଡ କରାଯାଇଥିବା ବେଳେ, ଏହି ଧରପଗଡ ଅଭିଯାନରେ ପୁଲିସ ଅଧିକାରୀ ଏବଂ ଥାନା କର୍ମଚାରୀଙ୍କ ସମତେ ୧୨ ସେକ୍ସନ (୪ ପ୍ଲାଟୁନ) ପୁଲିସ ଫୋର୍ସ ସାମିଲ ହୋଇଥିଲେ । ଏହି କ୍ରମରେ ଗତ କାଲି ଭୁବନେଶ୍ୱର ସହରାଞ୍ଚଳ ପୁଲିସ ତରଫରୁ ଯାଞ୍ଚ ଅଭିଯାନ ସମୟରେ ଲକ୍ଷ୍ମୀସାଗର ଥାନା ତରଫରୁ ୭ ଜଣ ମଦ୍ୟପ ଗାଡି ଚାଳକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ୬ ଟି ଚାରିଚକିଆ ଯାନ ଜବତ କରାଯାଇଥିବା ବେଳେ ଗୋଟିଏ ଦୁଇଚକିଆ ଯାନ ଜବତ କରାଯାଇଛି । ସହୀଦନଗର ଥାନା ତରଫରୁ ମଧ ୫ଟି ମାମଲାରେ ୩ଟି ଚାରିଚକିଆ ଯାନ ଏବଂ ଓ ୨ ଟି ଦୁଇଚକିଆ ଯାନ ଜବତ କରାଯାଇଥିଲା । ସେହିପରି ଇନଫୋସିଟି ଥାନା ତରଫରୁ ମଦ୍ୟପ ଗାଡିଚାଳକଙ୍କ ବିରୋଧରେ କରାଯାଇଥିବା ଅଭିଯାନ ମଧ୍ୟମରେ ୬ ଟି ଚାରିଚକିଆ ଯାନ ଜବତ କରାଯାଇ ଥିବା ବେଳେ ୮ ଜଣଙ୍କ ନିକଟରୁ ଓଡ଼ିଶା ସହରାଞ୍ଚଳ ଆଇନ ଅନୁଯାୟୀ ୪୦୦୦ ଟଙ୍କା ଜୋରିମନା ଆଦାୟ କରାଯାଇଛି । ଏହି ଅଭିଯାନରେ କ୍ୟାପିଟାଲ ଥାନା ମଧ ଜଣେ ମଦ୍ୟପ ଗାଡିଚାଳକଙ୍କ ନିକଟରୁ ଗୋଟିଏ କାର ଜବତ କରିଥିବା ବେଳେ ମୋଟ ୧୦ ଜଣଙ୍କ ନିକଟରୁ ଓଡ଼ିଶା ସହରାଞ୍ଚଳ ଆଇନ ଅନୁଯାଇ ୫୦୦୦ ଟଙ୍କା ଜୋରିମନା ଆଦାୟ କରାଯାଇଛି ।



# ରଣପୁରରୁ କାଲୁ ଉଭାନ୍ ମହଙ୍ଗା ପଡ଼ିବ କି ବାଦଲଙ୍କୁ

**ରଣପୁର (ଭିଓଭି):** ସମସ୍ତ କଳ୍ପନାଜଳ୍ପନାର ଅନ୍ତ ଘଟାଇ ତୃତୀୟ ଥର ପାଇଁ ସତ୍ୟନାରାୟଣ ପ୍ରଧାନ (ବାଦଲ) ପୁଣି ନବୀନ ଓ ପାଣ୍ଡିଆନ୍‌ଙ୍କ ଆସ୍ଥାଭାଜନ ହୋଇ ରଣପୁର ବିଧାୟକ ପ୍ରାର୍ଥୀ ନିମନ୍ତେ ଦଳୀୟ ଟିକେଟ ପାଇଛନ୍ତି।

ବାଦଲଙ୍କ ପ୍ରାର୍ଥୀତ୍ୱକୁ ନେଇ ଦଳୀୟ କର୍ମୀମାନଙ୍କ ମଧ୍ୟରେ ମିଶ୍ରିତ ପ୍ରତିକ୍ରିୟା ଦେଖାଯାଉଥିବା ବେଳେ ଦଳର ଛାମୁଆ ନେତା ମାନଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ସୃଷ୍ଟି ହେଇଛି। ବିଭିନ୍ନ ଦଳୀୟ ସଙ୍ଗଠନ ତାଙ୍କର ପ୍ରାର୍ଥୀତ୍ୱକୁ ଏପର୍ଯ୍ୟନ୍ତ ଗ୍ରହଣ କରିପାରି ନାହାନ୍ତି।

ଆଜି ପର୍ଯ୍ୟନ୍ତ ନିର୍ବାଚନ ମଣ୍ଡଳୀର ମୁଖ୍ୟ ଅଞ୍ଚଳ ରଣପୁର, ସୁନାଖଳା କି ଚାନ୍ଦପୁରଠାରେ ବିଧାୟକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ସଭାଟିଏ ଦଳୀୟ କର୍ମୀ କିମ୍ବା ରାଜନୈତିକ ନେତାମାନଙ୍କ ଦ୍ୱାରା କରାଯିବାର ଦେଖିବାକୁ ମିଳିନି। କାଁ ଭାଁ କିଛି କର୍ମୀ ବିଧାୟକଙ୍କ ଘରେ ଓ ସରକାରୀ ବାସଭବନରେ ସାକ୍ଷାତ କରୁଥିବାର ସୂଚନା ମିଳୁଛି। ବିଧାୟକଙ୍କ ନିଜ ବାସସ୍ଥାନ ଶରଣକୁଳ, ସେଥିପାଇଁ କିଛି ଅଞ୍ଚଳବାସୀ ଓ କର୍ମୀ ସଂଗଠନ କେବଳ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ସେଠାରେ ବର୍ତ୍ତମାନ ମୁଖ୍ୟ ଆଲୋଚ୍ୟ ପ୍ରସଙ୍ଗଟି ହେଲା ରଣପୁର ରାଜନୀତିର ଚାଣକ୍ୟ ଦେବାଶିଷ ପଟ୍ଟନାୟକ (କାଲୁ) କୁଆଡେ ଗଲେ?

ବାଦଲଙ୍କ ପ୍ରାର୍ଥୀତ୍ୱକୁ ନେଇ ସେ କଣ ଖୁସି ନାହାନ୍ତି କି? ଆଉ କିଛି ଆଲୋଚନା କରୁଛନ୍ତି ସେ କୁଆଡେ ଚଳିତଥର ପ୍ରାର୍ଥୀ ହେବା ନିମନ୍ତେ ବହୁତ ଆଶାୟୀ ଥିଲେ ଓ ତୃତୀୟ ମହଲାରୁ ତାଙ୍କୁ ଗ୍ରୀନ ସିଗନାଲ୍ ମଧ୍ୟ ମିଳିସାରିଥିଲା। କିନ୍ତୁ ଶେଷ ମୁହୂର୍ତ୍ତରେ ବିଜେଡି ସଭାପତି ଓ ପାଣ୍ଡିଆନ୍‌ଙ୍କ ବରିଷ୍ଠଙ୍କୁ ପୁନଃ ସୁଯୋଗ ଦେବା ଅଙ୍କର ସେ ଶିକାର ହୋଇଗଲେ। ବର୍ତ୍ତମାନ ତାଙ୍କୁ ନୟାଗଡ ବିଧାୟକ ପ୍ରାର୍ଥୀ ଅରୁଣ ସାହୁଙ୍କ କାର୍ଯ୍ୟକ୍ରମରେ ଦେଖିବାକୁ ମିଳୁଥିବା ବେଳେ ନିଜ ନିର୍ବାଚନ ମଣ୍ଡଳୀ ରଣପୁରକୁ ଆସୁନାହାଁନ୍ତି। ଏ ସମ୍ବନ୍ଧରେ ବାଦଲଙ୍କ ସହ ଯୋଗାଯୋଗ କରି କାରଣ ଜାଣିବାକୁ ଚେଷ୍ଟା କରି ବିଫଳ ହୋଇଥିଲୁ। କିନ୍ତୁ ବିଶେଷ ସୂତ୍ରରୁ ଜାଣିବାକୁ ପାଇଲୁ ଯେ କାଲୁ ବିଧାୟକ ବାଦଲଙ୍କ ଫୋନ୍ ଉଠାଇ ନଥିଲେ କି ପରେ ଦେଖା କରିନଥିଲେ। ବିଜେଡିର ପ୍ରଥମ ପର୍ଯ୍ୟାୟ ଟିକେଟ ଘୋଷଣା ହେବାର ଦୁଇ ଦିନ ପରେ ବାଦଲ ଭୁବନେଶ୍ୱରରେ କାଲୁଙ୍କୁ ମନାଇ ପ୍ୟାଚ ପକାଇ ଦେଇଛନ୍ତି। ଦେଖାଯାଉ ଏ ତାଳି ପକା ସମ୍ପର୍କ କେତେଦିନ ତିଷ୍ଠୁଛି।

ଅନ୍ୟପଟେ ଦଳର ବରିଷ୍ଠ ନେତା ତଥା ପୂର୍ବତନ ରାଜ୍ୟସଭା ସଦସ୍ୟ ଓ ବିଧାୟକ ରବି ନାରାୟଣ ମହାପାତ୍ର ବିଜେଡ଼ିରୁ ଇସ୍ତଫା ଦେଇ ସ୍ୱାଧୀନ ଭାବେ ନିର୍ବାଚନ ଲଢିବା ନିମନ୍ତେ ଅଣ୍ଟା ଭିଡ଼ିଲେଣି।

ଦଳର ମହିଳା, ଚାଷୀ ଓ ଅନେକ ଯୁବ ସଂଗଠନ ବାଦଲଙ୍କ ଉପରେ ଖପା। ବିଜେପି ଏଯାଏ ତାର ପ୍ରାର୍ଥୀଙ୍କ ନାମ ଘୋଷଣା କରିନି, ରବି ମହାପାତ୍ର ସ୍ୱାଧୀନ ଭାବେ ଲଢିବାକୁ ରେଡି, ପୁଣି ତା ସହିତ କାଲୁ ନିର୍ବାଚନ ମଣ୍ଡଳୀକୁ ଆସୁନାହାଁନ୍ତି। ଏଭଳି ସ୍ଥିତିରେ ଏଥର ବାଦଲଙ୍କୁ ନିର୍ବାଚନ ବୈତରଣୀ ପାରିହେବା ଭାରି ମହଙ୍ଗା ପଡ଼ିବ ବୋଲି ଲୋକେ କହିଲେଣି।

# ବିଜେଡିର କଂଗ୍ରେସୀକରଣ: ଦଳଡ଼ିଆଁଙ୍କୁ ଟିକେଟ୍, ପୁରୁଖାଙ୍କୁ ହତାଦର

ଭୁବନେଶ୍ୱର (ଭିଓଭି): ଦୀର୍ଘ ୨୭ବର୍ଷର ଆଞ୍ଚଳିକ ଦଳ ବିଜେଡିର ଏବେ କଂଗ୍ରେସୀକରଣ ହୋଇଛି। ଦଳର ପୁରୁଖା ନେତାଙ୍କୁ ହତାଦର କରି ବିଜେଡି ନେତୃତ୍ୱ ଏବେ କଂଗ୍ରେସରୁ ଡିଆଁ ମାରୁଥିବା ନେତାମାନଙ୍କୁ ମାତ୍ରାଧିକ ଗୁରୁତ୍ୱ ଦେବା ସହ ଦଳୀୟ ଟିକେଟ୍ ଧରାଇ ଦେବାକୁ ପଛାଉ ନାହାନ୍ତି। ଆଉ ଦୀର୍ଘବର୍ଷ ଧରି ଦଳ ପାଇଁ ଲହୁଲୁହ ଦେଇଥିବା ନେତାମାନଙ୍କୁ ସର୍ଭେ ରିପୋର୍ଟର ଆଳ ଦେଖାଇ ସୁଚିନ୍ତିତ ଢଙ୍ଗରେ ଟିକେଟରୁ ବଂଚିତ କରିବାରେ ସଫଳ ହେଉଛନ୍ତି ବିଜେଡିର ତଥାକଥିତ କୋରଟିମ୍ ଓ ରଣନୀତିକାର ଟିମ୍।

ମାତ୍ର ହାତଗଣତି ୩-୪ଜଣ ବ୍ୟକ୍ତିଙ୍କୁ ନେଇ ଗଠିତ ବିଜେଡି କୋରଟିମ ଗତ ୪-୫ବର୍ଷ ଧରି ଦଳକୁ ଏଭଳି କବଜା କରିଛି ଯାହାକି ଦଳର ପୁରୁଖା ନେତାମାନଙ୍କୁ ଅଣନିଃଶ୍ୱାସୀ କରିବାରେ ଲାଗିଛି। ଗତ ୨୪ବର୍ଷ ଧରି କ୍ଷମତାରେ ଥିବା ବିଜେଡି ନିଜର ନେତାମାନଙ୍କ ଉପରେ ଭରସା ନକରି ଅନ୍ୟ ଦଳରୁ ଆସୁଥିବା ନେତାଙ୍କୁ ଟିକେଟ୍ ଦେବାକୁ ନେଇ ଦଳୀୟ କର୍ମୀ ଓ ନେତାଙ୍କ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଥିବା ଚର୍ଚ୍ଚା।

ସୂଚନା ଅନୁସାରେ, ଶାସକ ବିଜେଡିରେ ଚଳିତ ନିର୍ବାଚନରେ ଯେଉଁଭଳି ଢଙ୍ଗରେ ଦଳଡ଼ିଆଁ ପର୍ବ ଚାଲିଛି ତାହା ବିଜେଡି ପାଇଁ ପରୋକ୍ଷ ମହଙ୍ଗା ହେବ ବୋଲି ଚର୍ଚ୍ଚା ହେଉଛି। ଯଦିଓ ନିର୍ବାଚନ ଆସିଲେ ଦଳଡ଼ିଆଁ ପର୍ବ ପ୍ରାୟତଃ ସବୁ ଦଳରେ ହୋଇଥାଏ। ମାତ୍ର ବିଜେଡି ନିଜର କ୍ୟାଡ଼ର କର୍ମୀ ଓ ନେତାମାନଙ୍କୁ ପଛରେ ପକାଇ କଂଗ୍ରେସରୁ ଆସୁଥିବା ନେତାମାନଙ୍କୁ କ୍ରମାଗତ ଭାବେ ମାତ୍ରାଧିକ ଗୁରୁତ୍ୱ ଦେବାରେ ଲାଗିଛି। ଗତ କିଛିଦିନ ଧରି ଏଭଳି ସ୍ଥିତି ବିଜେଡିରେ ଲାଗିରହିଛି।

ନିଜର ଦଳୀୟ ନେତାମାନଙ୍କୁ ହତାଦର କରି କଂଗ୍ରେସରୁ ଆଗତ ସସ୍ମିତ ପାତ୍ର ଓ ମାନସ ମଙ୍ଗରାଜଙ୍କୁ ଦଳ ପୂର୍ବରୁ ରାଜ୍ୟସଭାକୁ ପଠାଇଥିବା ବିଜେଡି ପରବର୍ତ୍ତୀ ସମୟରେ କଂଗ୍ରେସ ଛାଡ଼ିଥିବା ପ୍ରଦୀପ ମାଝୀଙ୍କୁ ନବରଙ୍ଗପୁରରୁ ଲୋକସଭା ପ୍ରାର୍ଥୀ କରିଛି। ସେହିପରି କଂଗ୍ରେସ ନେତା ଅଂଶୁମାନ ମହାନ୍ତିଙ୍କୁ ବିଜେଡି କେନ୍ଦ୍ରାପଡ଼ା ଲୋକସଭା ନିର୍ବାଚନ ମଣ୍ଡଳୀରୁ ଟିକେଟ୍ ଦେଇଛି। କଂଗ୍ରେସ ନେତା ସୁର ରାଉତରାୟଙ୍କ ପୁଅ ମନ୍ମଥଙ୍କ ରାଜନୀତିକ ଅଭିଜ୍ଞତା ନଥାଇ ମଧ୍ୟ ତାଙ୍କୁ ଦଳରେ ମିଶାଇବାର ମାତ୍ର ୩ଘଣ୍ଟା ଭିତରେ ଭୁବନେଶ୍ୱର ସଂସଦୀୟ କ୍ଷେତ୍ର ଭଳି ଗୁରୁତ୍ୱପୂର୍ଣ୍ଣ ସିଟ୍ ଟେକି ଦେଇଛି।



ସେହିପରି କଂଗ୍ରେସ ରାଜନୀତି ସହ ମୂଳରୁ ଜଡ଼ିତ ଢେଙ୍କାନାଳ ସାମଲ ପରିବାରର ସଦସ୍ୟ ଅବିନାଶ ସାମଲଙ୍କୁ ମଧ୍ୟ ଗତମାସରେ ବିଜେଡିରେ ସାମିଲ କରାଇ ଏବେ ଢେଙ୍କାନାଳ ଲୋକସଭା ଟିକେଟ୍ ପୁରସ୍କାର ଆକାରରେ ଦିଆଯାଇଛି। ଢେଙ୍କାନାଳ ବିଧାୟକ ସୁଧୀର ସାମଲ ୨୦୧୭ ମସିହାରେ କଂଗ୍ରେସ ଛାଡ଼ି ବିଜେଡିରେ ଯୋଗ ଦେଇଥିଲେ ଓ ୨୦୧୯ରେ ବିଜେଡି ତାଙ୍କୁ ଟିକେଟ୍ ଦେଇ ପୁରସ୍କୃତ କରିଥିଲା। ଏବେ ବିଜେଡିର ପ୍ରଥମ ପର୍ଯ୍ୟାୟରେ ଜାରି ୭୨ ବିଧାନସଭା ଓ ୧୫ ଲୋକସଭା ଆସନର ପ୍ରାର୍ଥୀ ତାଲିକାରେ ସୁଧୀର ଓ ଅବିନାଶ ହିଁ ଏକମାତ୍ର ବ୍ୟତିକ୍ରମ। ଗୋଟିଏ ପରିବାରରୁ ଦୁଇଜଣଙ୍କୁ ଦଳ ପ୍ରାର୍ଥୀ କରିଛି।


ବଲାଙ୍ଗୀର କଂଗ୍ରେସ ଜିଲ୍ଲା ସଭାପତି ସୁରେନ୍ଦ୍ର ସିଂ ଭୋଇ ଗତ ଦୁଇଦିନ ତଳେ ବିଜେଡିରେ ସାମିଲ ହୋଇଛନ୍ତି। ତାଙ୍କୁ ବିଜେଡି ବଲାଙ୍ଗୀର ଲୋକସଭା ଆସନରୁ ଟିକେଟ୍ ଦେବ ବୋଲି ଜଣାପଡ଼ିଛି। ସେହିପରି ତାଙ୍କ ପୂର୍ବରୁ ଖଡ଼ିଆଳ ବିଧାୟକ ଅଧୀରାଜ ପାଣିଗ୍ରାହୀ କଂଗ୍ରେସ ଛାଡ଼ି ବିଜେଡିରେ ଯୋଗ ଦେଇଛନ୍ତି। ଦଳ ତାଙ୍କୁ ମଧ୍ୟ ବିଧାୟକ ଟିକେଟ୍ ଦେବ ବୋଲି ପ୍ରତିଶ୍ରୁତି ଦେଇଛି। କେବଳ ଏତିକି ନୁହଁନ୍ତି କଂଗ୍ରେସ ନେତା କେ.ସୂର୍ଯ୍ୟରାଓ ଗତକାଲି ବିଜେଡିରେ ମିଶିଛନ୍ତି ଓ ଦଳ ତାଙ୍କୁ ବିଧାନସଭା ଟିକେଟ୍ ଦେବାର ପ୍ରତିଶ୍ରୁତି ଦେଇଥିବା ତାଙ୍କ ନିକଟତମ ମହଲରୁ ସୂଚନା ମିଳିଛି। କଂଗ୍ରେସରୁ ଚିରଞ୍ଜିବୀ ବିଶ୍ୱାଳ ଇସ୍ତଫା ଦେଇଛନ୍ତି ଓ ଖୁବଶୀଘ୍ର ବିଜେଡିରେ ମିଶି ବିଧାନସଭା ଟିକେଟ୍ ନେବେ।

ଜଗତସିଂହପୁର ଜିଲ୍ଲା ବିଜେଡିର ଗଡ଼ ହୋଇଥିଲେ ମଧ୍ୟ ଦଳ ଚିରଞ୍ଜିବୀଙ୍କୁ ନେଇ ଜିଲ୍ଲା ବିଜେଡି ଉପରେ ଆଉ ଏକ ବୋଝ ଲଦି ଦେବାକୁ ପ୍ରୟାସ କରିଛି। ଚିରଞ୍ଜିବୀଙ୍କ ପୂର୍ବରୁ ଗତ କିଛିଦିନ ତଳେ ପାରାଦୀପର କଂଗ୍ରେସ ନେତା ବାପି ସର୍ଖେଲଙ୍କ ପତ୍ନୀ ମୋନିଦୀପା ମଧ୍ୟ ବିଜେଡିରେ ସାମିଲ ହୋଇସାରିଛନ୍ତି। କେନ୍ଦ୍ରାପଡ଼ାର କଂଗ୍ରେସ ନେତା ଗଣେଶ୍ୱର ବେହେରା ଓ ସାନଖେମୁଣ୍ଡି ବିଧାୟକ ରମେଶ ଜେନାଙ୍କୁ ବିଜେଡି ନିଜର ପ୍ରାର୍ଥୀ କରିବାକୁ ଜୋରସୋର ଉଦ୍ୟମ ଜାରି ରଖିଥିବା ଜଣାପଡ଼ିଛି।

ବିଜେଡି କେବଳ ସେତିକିରେ ଅଟକି ନାହିଁ ଦୀର୍ଘ ୨୫ବର୍ଷ ଧରି ବିଜେଡିର ଶତ୍ରୁ ଭାବେ ବିବେଚିତ ବିଜୟ ମହାପାତ୍ରଙ୍କ ପୁଅକୁ ଆଣି ପାଟକୁରାରୁ ଟିକେଟ୍ ଦେଇଛି। ସେହିପରି ଅନୁଗୁଳ ନିର୍ବାଚନମଣ୍ଡଳୀର ପ୍ରଭାବଶାଳୀ କଂଗ୍ରେସ ନେତା ବିପ୍ଳବ ଜେନା ଗତମାସରେ ବିଜେଡିରେ ମିଶିଛନ୍ତି ଓ ତାଙ୍କୁ ଟିକେଟ୍ ଦେବାକୁ ଦଳ ପ୍ରତିଶ୍ରୁତି ମଧ୍ୟ ଦେଇଥିବା ଜଣାପଡ଼ିଛି। କଂଗ୍ରେସ ଛାଡ଼ି ଗତ ସାଧାରଣ ନିର୍ବାଚନ ପୂର୍ବରୁ ବିଜେପିରେ ସାମିଲ ହୋଇଥିବା ସାଲେପୁରର ପ୍ରକାଶ ବେହେରାଙ୍କୁ ବିଜେଡି ନିଜ ସହ ମିଶାଇ ସେଠାରୁ ଦଳୀୟ ଟିକେଟ୍ ଦେବାକୁ କସରତ କରୁଥିବା ସୂଚନା ମିଳିଛି।

ବିଜେଡିର କେବଳ କଂଗ୍ରେସୀକରଣ ହୋଇନି ବରଂ ବିଜେଡି କାର୍ଯ୍ୟାଳୟ ଶଙ୍ଖ ଭବନ ଏବେ କଂଗ୍ରେସରୁ ଆଗତ ନେତାମାନଙ୍କ କବଜାରେ ରହିଛି। ଦଳର ପୁରୁଖା ନେତାମାନଙ୍କୁ ସମ୍ପୂର୍ଣ୍ଣ ଦୂରେଇ ରଖାଯାଇଛି। ଦଳ ପାଇଁ ଲହୁଲୁହ ଦେଇଥିବା ନେତାମାନଙ୍କୁ ସର୍ଭେ ରିପୋର୍ଟର ଆଳ ଦେଖାଇ ବିଜେଡିର ଏହି କୋରଟିମ୍ ଦଳଡ଼ିଆଁଙ୍କ ଟିକେଟ୍ ସୁନିଶ୍ଚିତ କରାଉଛି। କୋରଟିମ୍ ସଦସ୍ୟମାନଙ୍କ ନିରପେକ୍ଷତା ସନ୍ଦେହଘେରରେ ରହୁଥିବାରୁ ସର୍ଭେ ରିପୋର୍ଟର ସତ୍ୟତା ଓ ବିଶ୍ୱସନୀୟତାକୁ ନେଇ ଦଳୀୟ ମହଲରେ ନାନାଦି ଚର୍ଚ୍ଚା ହୋଇଥାଏ। ବିଜେଡିରେ ହଜାର ହଜାର ସଂଖ୍ୟାରେ ଯୋଗ୍ୟ ଓ ସମର୍ପିତ ନେତା-କର୍ମୀ ଥିଲେ ମଧ୍ୟ ଏହି କୋରଟିମ୍ ସୁଚିନ୍ତିତ ଢଙ୍ଗରେ ସେମାନଙ୍କୁ ହତାଦର କରିବାରେ ଲାଗିଛି। ଆଉ ନିଜସ୍ୱ ସ୍ୱାର୍ଥପୂର୍ଣ୍ଣ ପାଇଁ ଦଳଡ଼ିଆଁଙ୍କୁ ଗୁରୁତ୍ୱ ଦେଉଥିବା ଚର୍ଚ୍ଚା ହେଉଛି। ୨୦୧୪ ଓ ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ତତକାଳୀନ ବିରୋଧୀ ଦଳ ନେତା ତଥା ବରିଷ୍ଠ କଂଗ୍ରେସ ନେତା ଭୂପିନ୍ଦର ସିଂଙ୍କଠୁ ଆରମ୍ଭ କରି କଂଗ୍ରେସର ପ୍ରଦେଶ କାର୍ଯ୍ୟକାରୀ ସଭାପତି ନବ ଦାସଙ୍କ ସମେତ ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ସୁମିତ୍ରା ଜେନାଙ୍କଠୁ ଆରମ୍ଭ କରି ବହୁ ନେତାଙ୍କୁ ବିଜେଡି ନିଜ ସହ ମିଶାଇ ସାରିଛି।

ଦଳର କୋରଟିମ୍ ଏବେ ବିଜେଡିର ଦଳଡ଼ିଆଁଙ୍କୁ ଗୁରୁତ୍ୱ ଦେଇ ପୁରୁଖା ନେତାମାନଙ୍କୁ ସୁଚିନ୍ତିତ ଢଙ୍ଗରେ ହତାଦର କରିଥିବାରୁ ବିଗତ କିଛିଦିନ ମଧ୍ୟରେ ବିଜେଡିର ବହୁ ପୁରୁଖା ନେତା ଦଳକୁ ବାଏବାଏ କରିବାକୁ ବାଧ୍ୟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଭର୍ତ୍ତୃହରି ମହତାବ, ଦେବାଶୀଷ ନାୟକ, ପ୍ରଦୀପ ପାଣିଗ୍ରାହୀ,ପ୍ରଶାନ୍ତ ଜଗଦେବ, ପ୍ରିୟଦର୍ଶୀ ମିଶ୍ର, ସିଦ୍ଧାନ୍ତ ମହାପାତ୍ର, ଅନୁଭବ ମହାନ୍ତି, ଆକାଶ ଦାସନାୟକ, ଅରିନ୍ଦମ ରାୟ ପ୍ରମୁଖ ରହିଛନ୍ତି।





# କେନ୍ଦ୍ରକୁ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ; 'ବିକଶିତ ଭାରତ' ମେସେଜ୍ ପଠାଇବା ବନ୍ଦ କର

**ନୂଆଦିଲ୍ଲୀ:** ନିର୍ବଚନ ଆଦର୍ଶ ଆଚରଣ ବିଧି ବା କୋଡ୍ ଅଫ୍ କଣ୍ଡକ୍ଟ ଲାଗୁ ହୋଇ ସାରିଥିବାରୁ ରାଜନୈତିକ ଦଳ ଉପରେ କଡା ନଜର ରଖିଛନ୍ତି ଇଲେକ୍ସନ କମିଶନ। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ସରକାରଙ୍କୁ ନୋଟିସ୍ ଏକ ପଠାଇଛନ୍ତି। ହ୍ୱାଟ୍ସଆପରେ 'ବିକଶିତ ଭାରତ' ମେସେଜକୁ ତୁରନ୍ତ ବନ୍ଦ କରିବାକୁ ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି। ଆଦର୍ଶ ଆଚରଣ ବିଧି ଲାଗୁ ହେବା ପରେ ମଧ୍ୟ କାହିଁକି ହ୍ୱାଟ୍ସଆପରେ ଏହି ମେସେଜ୍ ପଠାଯାଉଛି, ତୁରନ୍ତ ଉତ୍ତର ରଖିବାକୁ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦେଇଛନ୍ତି ପୋଲ୍ ପ୍ୟାନେଲ। ଏହି ମେସେଜ୍ ପଠାଇବା ଫଳରେ ନିର୍ବାଚନ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ନେଇ ଏକାଧିକ ଅଭିଯୋଗ ହେବା ପରେ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ସେପଟେ ମନ୍ତ୍ରଣାଳୟ ପ୍ୟାନେଲକୁ କହିଛି ଯେ, ପ୍ରଧାନମନ୍ତ୍ରୀଙ୍କ ନାମ ଉଲ୍ଲେଖ ଥିବା ଚିଠି ମାର୍ଚ୍ଚ ୧୫ରେ ପଠାଇ ଦିଆଯାଇଥିଲା। ଏହା ପର ଦିନ କୋଡ୍ ଅଫ୍ କଣ୍ଡକ୍ଟ ଲାଗୁ ହୋଇଥିଲା। ସେଥିମଧ୍ୟରୁ କିଛି ମେସେଜ୍ ଏବେ ଡେଲିଭର୍ ହେଉଛି। ସିଷ୍ଟମ୍ ଏବଂ ନେଟୱାର୍କ ସମସ୍ୟା କାରଣରୁ ଏପରି ହୋଇ ଥାଇପାରେ ବୋଲି ମନ୍ତ୍ରଣାଳୟ କହିଛି। ଚଳିତ ବର୍ଷ ସାତଟି ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହେବ। ପ୍ରଥମ ପର୍ଯ୍ୟାୟ ଏପ୍ରିଲ ୧୯ରେ ହେବାକୁ ଥିବାବେଳେ ଏପ୍ରିଲ ୨୬ରେ ଦ୍ୱିତୀୟ, ୭ ମେ'ରେ ତୃତୀୟ, ୧୩ ମେ'ରେ ଚତୁର୍ଥ, ୨୦ ମେ'ରେ ପଞ୍ଚମ, ୨୫ ମେ'ରେ ଷଷ୍ଠ ଏବଂ ଜୁନ୍ ୧ରେ ସପ୍ତମ ତଥା ଅନ୍ତିମ ପର୍ଯ୍ୟାୟ ନିର୍ବାଚନ ହେବ। ଜୁନ ୪ରେ ଏକାଠି ସମସ୍ତ ସାତ ପର୍ଯ୍ୟାୟ ନିର୍ବାଚନର ଫଳାଫଳ ପ୍ରକାଶ ପାଇବ। ଏନେଇ ନିର୍ବାଚନ କମିଶନ ମାର୍ଚ୍ଚ ୧୬ରେ ତାରିଖ ପ୍ରକାଶ କରିବା ସହ କୋଡ ଅଫ୍ କଣ୍ଡକ୍ଟ ଲାଗୁ କରାଇଥିଲେ।






## TARIFF

| | | |
|---|---|---|
| Full Page | Colour | -15000 |
| Full Page | B/W | - 10000 |
| Half Page | Colour | -10000 |
| Half Page | B/W | - 6000 |
| Quarter Page | Colour | - 5000 |
| Quarter Page | B/W | - 3000 |


**CONTACT**

6371417361 voiceofvictimsnews@gmail.com

www.voiceofvictims.co.in

**Follow / Like / Subscribe :**

Voice Of Victims News



Printed by Gyana Ranjan Mishra and published by Gyana Ranjan Mishra on behalf of Voice Of Victims Trust and Printed at M/S Bhagawati Electronic Process,D-3, Mancheswar Industrial Estate, Bhubaneswar,Khurda, Odisha, Pin- 751010 and Published at EB-24, Stage-V, Laxmisagar Brit colony, Bhubaneswar, Khurda, Odisha, Pin-751006

**Editor: Gyana Ranjan Mishra** ସମ୍ପାଦକ: ଜ୍ଞାନ ରଞ୍ଜନ ମିଶ୍ର